## ସଂକ୍ଷେପରେ

### ସଂସ୍କୃତ ଭାଷା ସୁରକ୍ଷା ପ୍ରତି ଗୁରୁତ୍ୱ

**ରୂପ୍‌ସା,୨୨।୮(ଡି.ଏନ.ଏ.):** ରୂପ୍‌ସା ନୀଳମଣି ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ନବାଗତ ଛାତ୍ରୀଛାତ୍ରଙ୍କ ଲାଗି ସ୍ୱାଗତ ଉତ୍ସବ ଅବସରରେ 'ଭାରବେରର୍ଥ ଗୌରବମ୍' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଡ. ଜୟନ୍ତ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ସଂସ୍କୃତ ଭାଷା ସବୁ ଭାଷାର ଜନନୀ ବୋଲି ସେ ଉଲ୍ଲେଖ କରି ଏହାର ସୁରକ୍ଷା ଓ ପ୍ରଚାର ପ୍ରସାର କରାଯିବାକୁ ଗୁରୁତ୍ୱାରୋପ କରିଥିଲେ। ଅମର୍ଦ୍ଦା ସିଦ୍ଧେଶ୍ୱର ମହାବିଦ୍ୟାଳୟର ପ୍ରାକ୍ତନ ସଂସ୍କୃତ ବିଭାଗ ପ୍ରାଧାପକ ବିଜୟ କୁମାର ଘୋଷ ମୁଖ୍ୟବକ୍ତାଭାବେ ଯୋଗଦେଇ ସଂସ୍କୃତ କବି ଭାରବିଙ୍କ କାବ୍ୟରେ ଅର୍ଥ ଗୌରବର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ନୀଳିମା ପାତ୍ର ଓ ଅଧାପିକା ପିନାକ୍ଷୀ ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଭାରବିଙ୍କ କାବ୍ୟରେ ଶବ୍ଦଗାମ୍ଭୀର୍ଯ୍ୟ ଅତ୍ୟନ୍ତ ଉଚ୍ଚକୋଟୀର ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀ ମୀନାମଣି ଜେନା, ସ୍ନେହାଞ୍ଜଳି ବାରିକ, ବେବିରାଣୀ ପରିଡ଼ା, ପ୍ରଭାସିନୀ ଗାଆଁଣ, ଛାତ୍ର ମାନସ କୁମାର ବେହେରା ପ୍ରମୁଖ ସ୍ୱରଚିତ ନିବନ୍ଧ ପାଠ କରିଥିଲେ। ଛାତ୍ରୀ ଜ୍ୟୋତିଶ୍ରୀ ପରିଡ଼ା ଧନ୍ୟବାଦ ଦେଇଥିଲେ।

### ଝାଡ଼ାବାନ୍ତିରେ ଜଣେ ମୃତ, ୭ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**ସୋର, ୨୨।୮(ଡି.ଏନ୍.ଏ.):** ସୋର ବ୍ଲକ କେଶରାପୁର ପଞ୍ଚାୟତ ଜାମପଦା ଗ୍ରାମରେ ଝାଡ଼ାବାନ୍ତି ଲାଗି ରହିଛି। ଏଥିରେ ଦାଲୁ ସିଂଙ୍କ ୫ ବର୍ଷର ପୁଅ ବାବୁଙ୍କ ମୃତ୍ୟୁ ଘଟିଛି। ଗ୍ରାମର ମିଟି ପାତ୍ର(୪୮), ଭଗବତୀ ପାତ୍ର(୪୮), ଗୁରୁବା ସିଂର ଝିଅ କବିତା ସିଂ(୧୭), ଶୁକୁରା ସିଂ(୪୦), ପେଙ୍ଗା ସିଂ(୩୦) ଚିକିତ୍ସାଧୀନ ଥିବା ବେଳେ ଅନ୍ୟ କେତେକ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି। ପ୍ରକାଶ ଯେ, ଏହି ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ଏହି ରୋଗ ବ୍ୟାପୁଛି ବୋଲି ଲୋକ କହୁଛନ୍ତି।

### ବରିଷ୍ଠ ଶିକ୍ଷକଙ୍କ ଅକାଳ ବିୟୋଗ

**ବାଲେଶ୍ୱର ଅଫିସ,୨୨।୮:** ବାଲେଶ୍ୱର ଜିଲା ରେମୁଣା ବ୍ଲକ ଦହପଡ଼ା ଚିନ୍ତାମଣି ଉଚ୍ଚ ବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଶିକ୍ଷକ ହରେକୃଷ୍ଣ ହୋତା (୫୧)ଙ୍କ ଗୁରୁବାର ଅକାଳ ବିୟୋଗ ହୋଇଛି। ତାଙ୍କ ବିୟୋଗରେ ଛାତ୍ରୀଛାତ୍ର, ସହକର୍ମୀ, ଅଞ୍ଚଳବାସୀ ତଥା ଶିକ୍ଷକ ସଂଘ ମଧରେ ଶୋକର ଛାୟା ଖେଳିଯାଇଛି। ସଂସ୍କୃତ ଶିକ୍ଷକ ହୋତା ଗତ ୧୯୯୧ ମସିହାଠାରୁ ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଗତ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ପାଳନ ସାରି ଘରକୁ ଫେରିଥିଲେ। ତାଙ୍କର ନିଶ୍ୱାସପ୍ରଶ୍ୱାସ ନେବାରେ ବାଧା ଉପୁଜିବାରୁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟଚିକିତ୍ସାଳୟ ଓ ପରେ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ଗୁରୁବାର ଅପରାହ୍ନରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ମୃତଦେହ ବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ ଜିଲା ବ୍ଲକଗ୍ରାଣ୍ଟ ଶିକ୍ଷକ ସଂଘର ସମ୍ପାଦକ ଭାଗବତ ମହାନ୍ତି, ସଭ୍ୟ କହ୍ନେଇଚରଣ ରାୟ, ବିଦ୍ୟାଳୟ ପରିଚାଳନା ସମିତି କୈଳାସ ଚନ୍ଦ୍ର ଦାସ, ପୂର୍ବତନ ସମ୍ପାଦକ ପିତାମ୍ବର ପ୍ରଧାନ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଗ୍ରାମବାସୀ ଏବଂ ଛାତ୍ରୀଛାତ୍ର ମିଳିତ ଭାବେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଖଇରା ବ୍ଲକ ସାରୁଗାଁ ନୋଡାଲ ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

# ଶିକ୍ଷକ ବଦଳି ପ୍ରତିବାଦରେ ଧାରଣା

**ଖଇରା, ୨୨।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ନୋଡାଲ ସ୍କୁଲର ବିଜ୍ଞାନ ଶିକ୍ଷକ ସୌଭାଗ୍ୟ ବିଶ୍ୱାଳଙ୍କୁ ରାତିଅଧିଆ ବଦଳି କରାଯିବା ପ୍ରତିବାଦରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା କମିଟି ସଭ୍ୟ ଗୁରୁବାରଠାରୁ ଧାରଣା ଦେଇଛନ୍ତି। ଅନ୍ୟ ଜଣେ ବିଜ୍ଞାନ ଶିକ୍ଷକ ବିଦ୍ୟାଳୟକୁ ନ ଆସିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ପରିଚାଳନା କମିଟି ସଭାପତି ଦାମୋଦର ମହାପାତ୍ର, ଉପସଭାପତି ଲକ୍ଷ୍ମୀପ୍ରିୟା ଦାସ, ସଭ୍ୟ ନାରାୟଣ ଲେଙ୍କା, ସୁରେନ୍ଦ୍ର ସାହୁ, ହରେକୃଷ୍ଣ ଜେନା, ଅନ୍ତର୍ଯ୍ୟାମୀ ଦାସ, ଅଭିମନ୍ୟୁ ସାମଲ, ଅଭିଭାବକ ହୃଷିକେଶ ରାଉତ, ଜୟନ୍ତ ଲେଙ୍କା, ବସନ୍ତ ଦାସ ଓ ପ୍ରଦୀପ ସାମଲ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏଥିସହ ଗ୍ରାମବାସୀ ମଧ ଧାରଣାରେ ସାମିଲ ହୋଇଛନ୍ତି।

ପ୍ରକାଶ ଯେ, ୧୩୪ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ମାତ୍ର ବିଜ୍ଞାନ ଶିକ୍ଷକ ଥିଲେ। ଶିକ୍ଷାବର୍ଷ ମଝିରେ ହଠାତ ଉକ୍ତ ବିଜ୍ଞାନ ଶିକ୍ଷକଙ୍କୁ ବଦଳି କରାଯିବାରେ ଅଭିଭାବକମାନେ ପ୍ରତିବାଦର ସ୍ୱର ଉଠାଇଥିଲେ। ଅନ୍ୟ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତ ଦେବା ଲାଗି ବ୍ଲକ ଶିକ୍ଷାଧିକାରୀ ଧରଣୀଧର ରାଉତ, ବିଆରସିସି ସୁଦର୍ଶନ ରାଉତଙ୍କୁ ଅନୁରୋଧ କରିଥିଲେ। ହେଲେ କିଛି ଫଳ ନ ହେବା ପରେ ମଙ୍ଗଳବାର ଓ ବୁଧବାର ୨ଦିନ ଧରି ବିଦ୍ୟାଳୟରେ ପଢୁଥିବା ୧୩୪ ପିଲାଙ୍କର ଅଭିଭାବକ ସେମାନଙ୍କର ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡି ନ ଥିଲେ। ସେମାନେ ଗୁରୁବାର ଧାରଣାରେ ବସିବାକୁ ବାଧ ହୋଇଛନ୍ତି। ଏହି ବିଦ୍ୟାଳୟରେ ନିଯୁକ୍ତ ଥାଇ ଅସୁସ୍ଥତା କାରଣ ବଶତଃ ପାଠ ପଢାଇ ପାରୁ ନ ଥିବା ଜଣେ ଶିକ୍ଷକଙ୍କୁ ବଦଳି ପାଇଁ ଗ୍ରାମବାସୀ ଦାବି କରି ଆସୁଥିଲେ। ତାଙ୍କୁ ବଦଳା ନ ଯାଇ ବିଜ୍ଞାନ ଶିକ୍ଷକଙ୍କୁ ବଦଳି କରାଯିବାରେ ଶିକ୍ଷା ଅଧିକାରୀଙ୍କ ଏଭଳି କାର୍ଯ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କମିଟି ସଭାପତି ଦାମୋଦର ମହାପାତ୍ର କହିଛନ୍ତି। ଏ ସମ୍ପର୍କରେ ବିଆରସିସି ସୁଦର୍ଶନ ରାଉତଙ୍କୁ ପଚରାଯିବାରୁ ସୋମବାର ସୁଦ୍ଧା ଶିକ୍ଷକ ନିଯୁକ୍ତି ଦିଆଯିବା ନେଇ ଚିନ୍ତା କରାଯାଉଛି ବୋଲି କହିଛନ୍ତି।

# ୨ ଚୋରା ମଦ ବେପାରୀ ଗିରଫ

**ବାଲେଶ୍ୱର ଅଫିସ,୨୨।୮**



ଗିରଫ ୨ ଅଭିଯୁକ୍ତ।

ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ବିଭାଗ ଗୁରୁବାର ପୂର୍ବାହ୍ନରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣରେ ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି।

ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶରେ ଭ୍ରାମ୍ୟମାଣ ଥାନା ଆଇଆଇସି ଉଦେଲାଲ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସିଂଲା ଥାନା ସାର୍ଥା ଅଞ୍ଚଳର ଜୟନ୍ତ ବେହେରା (୨୭)ଙ୍କ ଘର ଉପରେ ଚଢ଼ାଉ କରି ୫୦ଲିଟର ମହୁଲି ମଦ ଜବତ ସହ ତାଙ୍କୁ ଗିରଫ କରିଛି। ସେହିପରି ଲଙ୍ଗଳେଶ୍ୱର ଅଞ୍ଚଳର ବିଜୟ ନାୟକ (୫୫)ଙ୍କ ଘର ଉପରେ ଚଢ଼ାଉ କରି ୭୩.୦୪ ଲିଟର ବିଅର ଓ ୨୯.୩୪ ଲିଟର ବିଦେଶୀ ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏ ନେଇ ଭ୍ରାମ୍ୟମାଣ ଅବକାରୀ ଥାନାରେ ପୃଥକ୍ ମାମଲା (ନଂ. ୯୩ ଓ ୯୪/୧୯–୨୦) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ସହ ଉପନିରୀକ୍ଷକ ଚନ୍ଦ୍ରମୋହନ ସେଠୀ, କନଷ୍ଟେବଳ ପ୍ରହଲ୍ଲାଦ ବିଶ୍ୱାଳ, ସେକ୍ କଲିମ୍‌ଉଦ୍ଦିନ, ସନ୍ତୋଷ ବେହେରା ଓ ଅଞ୍ଜନ କୁମାର ଜେନା ପ୍ରମୁଖ ସାମିଲ ଥିଲେ।

# ସିପିଏମ୍‌ର ଆନ୍ଦୋଳନ ଚେତାବନୀ

**ଜଳେଶ୍ୱର, ୨୨।୮**

ଜଳେଶ୍ୱରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ଜଳ ନିଷ୍କାସନ ଓ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ସିପିଏମ୍ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଗୁରୁବାର ପାର୍ଟି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଞ୍ଚଳିକ କମିଟି ସମ୍ପାଦକ ଦିଲୀପ କୁମାର ଗିରି ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି।

ଜଳେଶ୍ୱର ଅଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଡାକ୍ତର ନ ଥିବା ବେଳେ ଜି.କେ. ଭଟ୍ଟର ହସପିଟାଲରେ ରୋଗୀମାନଙ୍କୁ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଉଛି। ବର୍ତ୍ତମାନ ସୁଦ୍ଧା କୌଣସି ନୂତନ ଡାକ୍ତରଙ୍କୁ ନିଯୁକ୍ତି ନ ଦେଇ ପୁରୁଣା ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଚାଲିଛି। ଏହି ହସପିଟାଲରେ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର ଓ ଅନ୍ୟାନ୍ୟ ଷ୍ଟାଫଙ୍କୁ ନିଯୁକ୍ତି ଦେବା ତଥା ସମସ୍ତ ଆଧୁନିକ ରୋଗର ଚିହ୍ନଟ ଯନ୍ତ୍ରପାତି ବ୍ୟବସ୍ଥା କରିବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ସେହିଭଳି ଜଳେଶ୍ୱର ପୌରାଞ୍ଚଳରେ ୬ନଂ, ୯ନଂ, ୧୧ନଂ ଓ ୧୨ନଂ ୱାର୍ଡ଼ର ଜଳନିଷ୍କାସନ ପଥ ଅବରୋଧ ହୋଇଥିବାରୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଛି। ଏପରିକି ଜଳ ନିଷ୍କାସନ ଜାଗାର କିସମ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ପ୍ରାୟ ୫ଶହ ଏକର ଚାଷ ଜମି ପାଣିରେ ବୁଡି ରହିଛି। ଏଥିପାଇଁ ଏକ ମାଷ୍ଟର ପ୍ଲାନର ଆବଶ୍ୟକତା ରହିଛି। ଜଳ ନିଷ୍କାସନ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିବା ବେଳେ ୭ଦିନ ମଧରେ କାର୍ଯ୍ୟକାରୀ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ସେହିଭଳି ବିଦ୍ୟୁତ୍ ଭୋଲଟେଜ୍ ସମସ୍ୟା ସବୁବେଳେ ଲାଗି ରହିଥିବାରୁ ତାର ସମାଧାନ ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସିତାଂଶୁ ସେନାପତି, ଦିଲୀପ କୁମାର ପରିଡା, ଦୀପ୍ତିମାନ ଆଚାର୍ଯ୍ୟ, ସେକ ଅବଦୁଲ ସାଦ୍ଦିକ, ଦିଲୀପ ଶତପଥୀ, ଜୀବନ ପରିଡା ଓ ପଲଟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀ ସିପିଏମ୍ କର୍ମକର୍ତ୍ତା।




ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ଅଙ୍ଗନୱାଡ଼ି ସଂଘ ପକ୍ଷରୁ ବିକ୍ଷୋଭ

**ସଜନାଗଡ଼, ୨୨।୮(ଡି.ଏନ.ଏ.)**

ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ କର୍ମଚାରୀ ସଂଘ ନୀଳଗିରି ଶାଖା ପକ୍ଷରୁ ନୀଳଗିରିରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଗୁରୁବାର ନୀଳଗିରି ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ନୀଳଗିରି ଶାଖାର ସମସ୍ତ ଲେଡିଜ୍ ୱାର୍କର୍ସମାନେ ନୀଳଗିରି ଜଗନ୍ନାଥ ମନ୍ଦିରରୁ ଏକ ବିରାଟ ରାଲିରେ ବାହାରି ବିକ୍ଷୋଭ କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକମଧରେ କର୍ମୀ ଓ ସହାୟିକାଙ୍କୁ ଠିକ୍ ସମୟରେ ନିୟମିତ ଦରମା ପ୍ରଦାନ, ମିନି ଅଙ୍ଗନୱାଡ଼ିକୁ ଅଙ୍ଗନୱାଡ଼ିର ମାନ୍ୟତା, ଗରମ ରନ୍ଧାଖାଦ୍ୟର ମୂଲ୍ୟ ବର୍ଦ୍ଧିତ, ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ କର୍ତ୍ତୃପକ୍ଷ ଲିଖିତ ନିର୍ଦ୍ଦେଶ, ସିଡିପିଓ ଏବଂ ସୁପରଭାଇଜର ମାନଙ୍କର ମନମୁଖୀ କାର୍ଯ୍ୟ ବନ୍ଦ କରାଯାଉ, ଠିକ୍ ସମୟରେ ଛତୁଆ ଓ ଖାଦ୍ୟକେନ୍ଦ୍ରକୁ ଯୋଗାଇ ଦିଆଯାଉ ଏବଂ ରାଶନକାର୍ଡ଼ ସର୍ଭେ ବାବଦରେ ବକେୟା ରାଶି ପ୍ରଦାନ କରାଯିବା ଆଦି ଅନ୍ତର୍ଭୁକ୍ତ। ଏହି ଅବସରରେ ସଂଘର ଉପଦେଷ୍ଟା ଚିତ୍ତରଞ୍ଜନ ଷଡ଼ଙ୍ଗୀ, ରାଜ୍ୟ ଉପସଭାପତି ବିଏମ୍‌ଏସ୍ ପୃଥ୍ୱୀରାଜ ପଣ୍ଡା, ରାଜ୍ୟସାଧାରଣ ସମ୍ପାଦକ ସୁମିତ୍ରା ମହାପାତ୍ର, ସଭାପତି ସୁବାସିନୀ ମହାପାତ୍ର, ସମ୍ପାଦକ ସନ୍ଧ୍ୟାରାଣି ପଲେଇଙ୍କ ସମେତ ବହୁ କର୍ମଚାରୀ ସାମିଲ ଥିଲେ।

## ବିଦ୍ୟାଳୟରେ ଦିଆଯାଉନି ରନ୍ଧା ଖାଦ୍ୟ

# ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଧାରଣା

**ସିମୁଳିଆ,୨୨।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କୁଣ୍ଡି ହରିହର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧାହ୍ନଭୋଜନରେ ରନ୍ଧାଖାଦ୍ୟ ଦିଆ ନ ଯିବାରୁ ଗୁରୁବାର ଛାତ୍ରୀଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ଘଟଣାସ୍ଥଳରେ ଏବିଇଓ ବିଦ୍ୟାଧର ମହାଲିକ, ସିଆର୍‌ସିସି ଚକ୍ରଧର ବାରିକ ପ୍ରମୁଖ ପହଞ୍ଚି ଘଟଣା ସମ୍ପର୍କରେ ବୁଝାଶୁଝା କରିବା ସହିତ ଆସନ୍ତା ୨୭ତାରିଖଠାରୁ ରନ୍ଧା ଖାଦ୍ୟ ଦିଆଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ଯେ, ଗତ ୧ମାସ ଧରି ଉକ୍ତ ବିଦ୍ୟାଳୟରେ ମଧାହ୍ନଭୋଜନରେ ରନ୍ଧାଖାଦ୍ୟ ଦିଆ ନ ଯାଇ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଥିଲା। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଲେଇପ ମାରାଣ୍ଡିଙ୍କୁ ପଚାରିବାରୁ ସେ କହନ୍ତି, ଗତ ୨୦ଦିନ ହେବ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି। ଏ ସମ୍ପର୍କରେ ସିଆର୍‌ସିସି ଚକ୍ରଧର ବାରିକଙ୍କୁ ପଚାରିବାରୁ ଏହି ବିଦ୍ୟାଳୟରେ ପାଚିକା ଓ ସହାୟିକା ନ ରହିବା ସହିତ ଏହାକୁ ନେଇ କୋର୍ଟ ମାମଲା ବିଚାରାଧୀନ ଥିବାରୁ ରୋଷେଇ ହୋଇପାରୁ ନାହିଁ। ତେବେ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବା ପାଇଁ ଅଭିଭାବକଙ୍କ ସହ ଆଲୋଚନା କରାଯାଇଥିବା ପ୍ରକାଶ କରିଛନ୍ତି।



ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା।

### ତବଲା ବାଦକଙ୍କ ବିୟୋଗରେ ସ୍ମୃତିସଭା

**ଖଇରା, ୨୨।୮(ଡି.ଏନ.ଏ.):** ଖଇରା ବ୍ଲକର ତବଲା ବାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା(୫୦)ଙ୍କ ବିୟୋଗରେ ଏକ ସ୍ମୃତିସଭା ବୁଧବାର ସୁଣ୍ଡିରା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏସ୍.ଏସ୍. ମ୍ୟୁଜିକାଲ ଅର୍କେଷ୍ଟ୍ରା ଏବଂ କଳାକାର ସଂଘ ପକ୍ଷରୁ ଆୟୋଜିତ ସଭାରେ ସାଧୁଚରଣ ଦାସ ପୌରୋହିତ୍ୟ କରିଥିଲେ। ଭଦ୍ରକର ବିଭିନ୍ନ ଅର୍ଗାନିଷ୍ଟ ସଞ୍ଜୟ କୁମାର ମାଝି, ଅନ୍ୟତମ କଳାକାର ବୈକୁଣ୍ଠ ବେହେରା, ରତ୍ନାକର ଜେନା, ଡା ତ୍ରିଲୋଚନ ନାୟକ, ଡମ୍ବରୁଧର ଜେନା, ରବୀନ୍ଦ୍ର ରଣା, ମାମାଲି ପଣ୍ଡା ଓ ଟିକନ ପଣ୍ଡା ପ୍ରମୁଖ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। କଳାକାରମାନଙ୍କ ଦ୍ୱାରା ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ସ୍ୱର୍ଗତ ପଣ୍ଡା ସୋମବାର ସନ୍ଧ୍ୟାରେ ଗଣ୍ଡିବେଡ ନିକଟରେ ପାଣିରେ ଖସିପଡିବା ଯୋଗୁ ଗୁରୁତର ହୋଇପଡିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା।




ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଛତା ବଣ୍ଟନ କରାଯାଉଛି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଛତା, ରନ୍ଧାଖାଦ୍ୟ ବଣ୍ଟନ

**ବାଲେଶ୍ୱର ଅଫିସ, ୨୨।୮**

ବାଲେଶ୍ୱର ମିଶନ ପଡ଼ିଆସ୍ଥିତ ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନର ଦୃଷ୍ଟିହୀନ, ମାନସିକ ଅନଗ୍ରସର ଓ ବଧିର ଛାତ୍ରୀଛାତ୍ରଙ୍କୁ ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ ତରଫରୁ ବୁଧବାର ୧୧୦ଟି ଛତା ଓ ସୁସ୍ୱାଦୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଏଥିରେ କଲେଜର ଡାଇରେକ୍ଟର ଡ. ବେଣୁମାଧବ ପଣ୍ଡା, ସହଧର୍ମିଣୀ ସ୍ୱୟଂ ସରିତା ପଣ୍ଡା, କର୍ମଚାରୀ ରମାକାନ୍ତ ମହାରଣା, ଅଜୟ ପ୍ରଧାନ, ଅଜୟ ପଣ୍ଡା, ମାନସ ସାହୁ, ପ୍ରଦୀପ ସାହୁ, ଗୟାଦର ପାତ୍ର, ଜିତେନ ପାତ୍ର, ଦୀପକ ରାୟ ଓ କଲେଜର ସମସ୍ତ ଅଧାପିକା, ଅଧାପକ, ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଓ ପରିଚାଳନା ସମିତି ସଦସ୍ୟା ତଥା କୁନ୍ତଳା କୁମାର ପଣ୍ଡା ପ୍ରଶଂସା କରିଛନ୍ତି।

## ଉଦୟପୁର ବେଳାଭୂମିରୁ ଓଡ଼ିଆ ଦୋକାନୀଙ୍କୁ ଉଠାଇ ନେବା ଘଟଣା

# ଉଭୟ ରାଜ୍ୟ ପୋଲିସର ହସ୍ତକ୍ଷେପ ପରେ ଛାଡ଼ିଲେ

**ଭୋଗରାଇ, ୨୨।୮(ଡି.ଏନ.ଏ.)**

ଭୋଗରାଇ ବ୍ଲକ ଉଦୟପୁର ବେଳାଭୂମି ସାହାବାଜିପୁର ଗ୍ରାମର ଜଣେ ଉଠାଦୋକାନୀକୁ ପଶ୍ଚିମବଙ୍ଗ ଅବକାରୀ ବିଭାଗ ବୁଧବାର ଅପରାହ୍ନରେ ଉଠାଇ ନେବା ଘଟଣା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଉଭୟ ରାଜ୍ୟର ପୋଲିସର ହସ୍ତକ୍ଷେପ ପରେ ବୁଧବାର ରାତିରେ ତାଳସାରୀ ମେରାଇନ୍ ଥାନା ପୋଲିସ ଉଠାଦୋକାନୀ ସୀତାରାମ ମଲ୍ଲିକଙ୍କୁ କାଞ୍ଚି ଅବକାରୀ କାର୍ଯ୍ୟାଳୟରୁ ଆଣି ଘରେ ଛାଡ଼ିଥିଲେ।

ଗତ ୪ଦିନ ଧରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୀଘା ସୈକତ ସହରକୁ ଆସି ଅବସ୍ଥାନ କରୁଥିବା ବେଳେ ସମଗ୍ର ଅଞ୍ଚଳ ଓ ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପଶ୍ଚିମବଙ୍ଗ ଅବକାରୀ ବିଭାଗ ପକ୍ଷରୁ ଦୀଘାରେ ଚୋରା ମଦ ବେପାରୀଙ୍କୁ ଧରିବା ନିମନ୍ତେ ଧରପଗଡ଼ ଚାଲିଥିବା ବେଳେ ମଦ ବେପାରୀମାନେ ଉଦୟପୁର ବେଳାଭୂମିରେ ଖୁଲମ୍‌ଖୁଲା ମଦ ବ୍ୟବସାୟ କରିଥିଲେ। ସୂଚନା ପାଇ ଅବକାରୀ ବିଭାଗ ଉଦୟପୁର ବେଳାଭୂମିରେ ଅଚାନକ ଚଢ଼ାଉ କରିବା ପରେ ସେଠାରେ ଥିବା ବହୁ ମଦ ବେପାରୀ ଓଡ଼ିଶା ଭିତରେ ଆତ୍ମଗୋପନ କରିଥିଲେ। ଅବକାରୀ ବିଭାଗ ଉଦୟପୁର ବେଳାଭୂମିରେ ଥିବା ଉଠାଦୋକାନୀଙ୍କ ଦୋକାନ ଭାଙ୍ଗିବା ସହିତ ଓଡ଼ିଶାର ଜଣେ ଉଠାଦୋକାନୀଙ୍କୁ ଉଠାଇ ନେଇ ୩୨କି.ମି. କାନ୍ଥି ଅବକାରୀ କାର୍ଯ୍ୟାଳୟରେ ଅଟକ ରଖିଥିଲେ। ପରେ ସ୍ଥାନୀୟ ଲୋକଙ୍କ ପ୍ରତିବାଦ ହେବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୀଘା ମେରାଇନ୍ ଥାନା ପୋଲିସ ଉଦୟପୁର ବେଳାଭୂମିରେ ଥିବା ବେଳେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ପୋଲିସ ଗାଡ଼ିକୁ ଅଟକାଇ ରଖିଥିଲେ। ଅବକାରୀ ବିଭାଗର ମାତ୍ରାଧିକ କାର୍ଯ୍ୟକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ ଶହେ ମିଟର ଦୂରରେ ଥିବା ତାଳସାରୀ ମେରାଇନ୍ ଥାନା ହସ୍ତକ୍ଷେପ କରି ଦୀଘା ପୋଲିସକୁ ସୁରକ୍ଷା ଦେଇଥିଲେ। ଜଳେଶ୍ୱର ଏସ୍‌ଡ଼ିପିଓ ସୁଦର୍ଶନ ଦାସ କାନ୍ଥି ଏସ୍‌ଡ଼ିପିଓ ଏବଂ ଅବକାରୀ ବିଭାଗ ସହିତ ସହଯୋଗ କରି ଉଠାଦୋକାନୀଙ୍କୁ ସେଠାରୁ ମୁକୁଳାଇଥିଲେ।

## କଳାକ୍ଷେତ୍ରରେ ଚିତ୍ର କର୍ମଶାଳା

# ପ୍ରଶିକ୍ଷଣ ଦେଉଛନ୍ତି ଜାତୀୟସ୍ତରୀୟ ଶିଳ୍ପୀ

**ବାଲେଶ୍ୱର ଅଫିସ,୨୨।୮**

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଗୁରୁବାର ଚିତ୍ରକଳା କର୍ମଶାଳା ଆରମ୍ଭ ହୋଇଯାଇଛି। କର୍ମଶାଳାରେ ଉତ୍ତରପ୍ରଦେଶରର ପ୍ରତିଷ୍ଠିତ ଶିଳ୍ପୀ କିଶାନ ସୋନି (ଝାନ୍‌ସୀ), ଓଡ଼ିଶା କଟକର ଗୌରାଙ୍ଗ ବାରିକ ଯୋଗଦେଇ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଚିତ୍ରଶିଳ୍ପୀ କିଶାନ ସୋନି ଅତି ନିଖୁଣ ଭାବେ ବାସ୍ତବବାଦୀ ଚିତ୍ର ଅଙ୍କନ କରି ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଗୌରାଙ୍ଗ ବାରିକ ରାଧା ଓ କୃଷ୍ଣଙ୍କର ଚରିତ୍ରକୁ ନେଇ ଚିତ୍ରକଳାରେ ନୂତନ ସମ୍ଭାର ସୃଷ୍ଟି କରିପାରିଛନ୍ତି।

ଏହି କର୍ମଶାଳା ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ ଶିଳ୍ପୀମାନେ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦେବା ସହିତ ଗୋଟିଏ ଲେଖାଏଁ ଚିତ୍ର ଅଙ୍କନ କରିବେ। ଅଧାପକ ବିଷ୍ଣୁପଦ ସେନାପତି, ସୁଧାଂଶୁ ଶେଖର ଯେନା, ମନୋରଞ୍ଜନ ଯେନା, ସରିତା ମହାନ୍ତି କର୍ମଶାଳାରେ ନିଜର କଳାକୃତି ଅଙ୍କନ କରିବେ। ଭାରତୀୟ ଚିତ୍ରକଳା ଓ ଚିତ୍ରକଳାରେ ମୋଟ ୪୦ଜଣ ଛାତ୍ରୀଛାତ୍ର ଯୋଗଦାନ କରି ନିଜର ଶୈଳୀକୁ ନେଇ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଚିତ୍ର ଅଙ୍କନ କରିବେ। ଅଧକ୍ଷ ନିକୁଞ୍ଜ ବିହାରୀ ଦାସ ଶିଳ୍ପୀମାନଙ୍କର ପରିଚୟ ପ୍ରଦାନ କରି ସେମାନଙ୍କର ଚିତ୍ରକଳା ସମ୍ପର୍କରେ ସମ୍ୟକ୍ ଧାରଣା ଦେଇଥିଲେ। ସୋନି ଓ ବାରିକଙ୍କର ଚିତ୍ରକଳା ସୋମବାରଠାରୁ ପ୍ରଦର୍ଶନୀ ନିମନ୍ତେ ଗ୍ୟାଲେରୀରେ ପ୍ରଦର୍ଶିତ ହେବ।




ଜାତୀୟସ୍ତରୀୟ ଶିଳ୍ପୀଙ୍କ ଦ୍ୱାରା ଚିତ୍ର ଅଙ୍କନ ପ୍ରଶିକ୍ଷଣ ଦିଆଯାଉଛି।

## ସଂକ୍ଷେପରେ

### 'ଉପେନ୍ଦ୍ର ଥିଲେ ଶିକ୍ଷା ଜଗତର ବାଦ୍‌ଶାହ'

ଆରଡି, ୨୨।୮ (ଡି.ଏନ.ଏ.): ସେ ଖାଲି ଛାତ୍ରବତ୍ସଳ ଶିକ୍ଷକ ନ ଥିଲେ। ଶିକ୍ଷା ଜଗତର ସେ ଥିଲେ ବାଦ୍‌ଶାହ। ତାଙ୍କର ଗୁଣାବଳୀ ଓ ନୈତିକ ଆଦର୍ଶବୋଧ ଉପଦେଶକୁ ଭୁଲି ହେବ ନାହିଁ ବୋଲି ଚାନ୍ଦବାଲି ବ୍ଲକ ପହଣାଠାରେ ଗୁରୁବାର ଅନୁଷ୍ଠିତ ଶିକ୍ଷକ ଉପେନ୍ଦ୍ର ପଣ୍ଡାଙ୍କ ଦ୍ୱାଦଶ କ୍ରିୟା ସ୍ମୃତିସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ ନାୟକ ସଂଯୋଜନା କରିଥିଲେ। ଚାନ୍ଦବାଲି ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର କର୍ମକର୍ତ୍ତା ନବଘନ ସାମଲ, ପ୍ରମୋଦ ତ୍ରିପାଠୀ, କମଳାକାନ୍ତ ପତି, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଗଦାଧର ନାୟକ, ହରିଶ୍ଚନ୍ଦ୍ର ଦାସ, ନରହରି ଦାଶ, କହ୍ନେଇ ଚରଣ ବିଲାସ, ପହଣା କ୍ଲଷ୍ଟର ସିଆର୍‌ସିସି ମଙ୍ଗୁଳି ଚରଣ ସେଠୀ, ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ରଞ୍ଜୀବ କୁମାର ରାଉତ ଓ ଦିଲୀପ କୁମାର ଭଳ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀନାଥ ନାୟକ ଗୀତାପାଠ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶାନ୍ତିଲତା ମହାନ୍ତି ଉପେନ୍ଦ୍ରଙ୍କ ଉଦ୍ଦେଶ୍ୟରେ କବିତାପାଠ କରିଥିଲେ।

### ବାଇକ୍ ଦୁର୍ଘଟଣା ନେଇ ମାମଲା

ଭଣ୍ଡାରିପୋଖରୀ, ୨୨।୮ (ଡି.ଏନ.ଏ.): ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ଗତ ୧୦ ତାରିଖ ସନ୍ଧ୍ୟାରେ ଘଟିଥିବା ବାଇକ୍ ଦୁର୍ଘଟଣା ନେଇ ପୋଲିସ ଏକ ମାମଲା (ନଂ.୧୨୬/୧୯) ରୁଜୁ କରିଛି। ପ୍ରକାଶ ଯେ, ଭଦ୍ରକ ଜିତାନଗା ଗ୍ରାମର ଯତୀନ୍ଦ୍ର ଘଡ଼େଇ ଓ ବରାଙ୍ଗର ସୁବାଶିଷ ପଲେଇ ନାମକ ଦୁଇ ଯୁବକ ବାଇକ୍‌ରେ ପାଣିକୋଇଲି ଆଡ଼କୁ ଯାଉଥିଲେ। ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ଏକ ଷଣ୍ଢ ରାଜପଥକୁ ଚାଲି ଆସିବାରୁ ଷଣ୍ଢକୁ ବଞ୍ଚାଇବା ପାଇଁ ଯାଇ ଭାରସାମ୍ୟ ହରାଇ ଦୁଇଜଣ ଛିଟିକି ପଡ଼ିଥିଲେ। ଏଥିରେ ସେମାନେ ଗୁରୁତର ଆହତ ହୋଇ କଟକରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଯତୀନ୍ଦ୍ରଙ୍କ ଭାଇ ଯୋଗେନ୍ଦ୍ରଙ୍କ ଅଭିଯୋଗ କ୍ରମେ ଭଣ୍ଡାରିପୋଖରୀ ଥାନାରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

### 'ସ୍ମୃତିରେ ପ୍ରହ୍ଲାଦ' ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ ଅଫିସ, ୨୨।୮: ଭଦ୍ରକ ଗାନ୍ଧୀ ପଡ଼ିଆସ୍ଥିତ ସୀତାରାମ କଲ୍ୟାଣ ମଣ୍ଡପରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରମୋହନ କୁଅଁରଙ୍କ ସଞ୍ଚାଳନାରେ ସ୍ୱର୍ଗତ ପ୍ରହ୍ଲାଦ ଚନ୍ଦ୍ର ପଲାଇଙ୍କ ଏକାଦଶାହ ଅବସରରେ ସ୍ମୃତିରେ ପ୍ରହ୍ଲାଦ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତି, ତାଙ୍କ ସହପାଠୀ ପଞ୍ଚାନନ ପଲାଇ, ପଦ୍ମନାଭ ପାଢୀ, ଚକ୍ରଧର ଦାସ, କାଶୀନାଥ ସାହୁ, ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମଲ୍ଲିକ, ଯୁଗ୍ମ ସମ୍ପାଦକ ଅଜିତ୍ କୁମାର ନାୟକ, ଡ. ରାଧାରାଣୀ ମହାପାତ୍ର ଓ ଡ. ଝରଣା ପଟ୍ଟନାୟକ ସଭାରେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପଲାଇଙ୍କ ପୁତ୍ର ସତ୍ୟଭୂଷଣ ପଲାଇ, ଜ୍ୟୋତିର୍ଭୂଷଣ ପଲାଇ ଓ କନ୍ୟା ମମତାରାଣୀ ପଲାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫ୍ଲାଏଓଭର ଓ ଗଳାପୋଲ ସ୍ଥାନ ଦେଖିଲେ ଏମ୍‌ପି, ବିଧାୟକ

ଭଦ୍ରକ ଅଫିସ, ୨୨।୮

ଗୁରୁବାର ଏକ ସ୍ୱତନ୍ତ୍ର ଟିମ୍ ଭଦ୍ରକ ରାଣିତାଲଠାରୁ ଆଖୁଆପଦା ପର୍ଯ୍ୟନ୍ତ ନିର୍ମାଣାଧୀନ ଜାତୀୟ ରାଜପଥ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ରାସ୍ତାରେ ନିର୍ମାଣ ହେବାକୁ ଥିବା ୨୨ଟି ଗଳାପୋଲ ଓ ଏକାଧିକ ସ୍ଥାନରେ ହେବାକୁ ଥିବା ଫ୍ଲାଏଓଭର ବ୍ରିଜ୍ ସ୍ଥାନ ବୁଲି ଦେଖିଥିଲେ ଏହି ଟିମ୍। ବିଭିନ୍ନ ନିର୍ମାଣାଧୀନ ଫ୍ଲାଏଓଭର ବ୍ରିଜ୍ ଓ ଗଳାପୋଲ ସ୍ଥାନରେ ସ୍ଥାନୀୟ ଲୋକ ଓ ଲୋକପ୍ରତିନିଧିଙ୍କ ସହ ସେମାନେ ଆଲୋଚନା କରିଥିଲେ। ନିର୍ମାଣାଧୀନ କାର୍ଯ୍ୟକୁ ତୁରନ୍ତ ସାରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା। ନିର୍ମାଣ ସମୟରେ ଯେଭଳି ଟ୍ରାଫିକ ସମସ୍ୟା ସୃଷ୍ଟି ନ ହୁଏ ସେଥିପ୍ରତି ଅଧିକ ଯତ୍ନବାନ ହେବାକୁ ଠିକାଦାର ସଂସ୍ଥାର କର୍ମଚାରୀମାନଙ୍କୁ ମଧ୍ୟ କୁହାଯାଇଥିଲା। ଏହି ଟିମ୍ ମଧ୍ୟରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲାପାଳ ଜ୍ଞାନରଞ୍ଜନ ଦାସ, ଜିଲା ପରିବହନ ଅଧିକାରୀ ବିରଞ୍ଚି ଅଧିକାରୀଙ୍କ ସମେତ ଜାତୀୟ ରାଜପଥ ପ୍ରୋଜେକ୍ଟ ଡାଇରେକ୍ଟର ଡି ନାଗେଶ୍ୱର ରାଓ ପ୍ରମୁଖ ଥିଲେ।


ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଏମ୍‌ପି, ବିଧାୟକମାନେ ଆଲୋଚନା କରୁଛନ୍ତି।

ଏହି ସମୟରେ ଚରମ୍ପା ନିକଟରେ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ପାଇଁ ସ୍ଥାନୀୟ ପୂର୍ବତନ ବିଧାୟକ ନରେନ ପଲେଇଙ୍କ ନେତୃତ୍ୱରେ ଏକ ଟିମ୍ ଏମ୍‌ପି ଓ ବିଧାୟକମାନଙ୍କୁ ଭେଟିଥିଲେ। ସେହିପରି ରାଣିତାଲ ନିକଟରେ ରାହାଞ୍ଜି ସରପଞ୍ଚ ଉର୍ମିଳା ଜେନା, ସୌରଭ ଗୁପ୍ତା, ରାଜେନ୍ଦ୍ର ଦାସ, ଟୁକୁନା ସାହୁ, ସମାଜସେବୀ ଅଟଳ ବାରିକ, ଆଇନଜୀବୀ କରୁଣାକର ଦାସ ପ୍ରମୁଖ ସେମାନଙ୍କୁ ଭେଟି ରାଣିତାଲ ବଜାରରେ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ସକାଶେ ଦାବି ଜଣାଇଥିଲେ। ଛତାବର ନିକଟରେ ଏକ ଫ୍ଲାଏଓଭର ବ୍ରିଜ୍, ଭଣ୍ଡାରିପୋଖରୀ ଦମକଳ କେନ୍ଦ୍ର ଓ ଆଇଟିଆଇ ମଝିରେ ଅନ୍ୟ ଏକ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ କରାଯାଉ ବୋଲି ସ୍ଥାନୀୟ ଗ୍ରାମବାସୀ ଏହି ଟିମ୍‌ର ଦୃଷ୍ଟି ଆକର୍ଷଣ କରିଥିଲେ। ମୋଟେଲ ଛକଠାରେ ନିର୍ମାଣାଧୀନ ଅଣ୍ଡରପାସ୍‌ର ଉଚ୍ଚତା ବଢ଼ାଇବା ଲାଗି ବିଧାୟକ ମଲ୍ଲିକ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଟିମ୍ ଭଦ୍ରକ ଜିଲା ଗସ୍ତ କରି ଆଖୁଆପଦାଠାରୁ ଆରମ୍ଭ କରି ଭଣ୍ଡାରିପୋଖରୀ, ବାରିକପୁର, ନଳାଙ୍ଗ, ଗେଲପୁର, ଆରଡ଼ି ଛକ, ମୋଟେଲ ଛକ, ନୂଆ ବସ୍‌ଷ୍ଟାଣ୍ଡ, ଡାହାଣୀଗଡିଆ, ଚରମ୍ପା ଓ ରାଣିତାଲ ଅଞ୍ଚଳ ବୁଲି ଦେଖିଥିଲେ। ଅପରାହ୍ନରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କ ଦାବି ମୁତାବକ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରାଯିବା ପାଇଁ ସ୍ଥିର ହୋଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : balasoreselfie@gmail.com


ବାବୁ


ଟୁକୁନା


ପପୁ

# ରାଧାକୃଷ୍ଣ ବେଶ ପ୍ରତିଯୋଗିତା


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ମା'।

ବନ୍ତ, ୨୨।୮ (ଡି.ଏନ.ଏ.)

ଜନ୍ମାଷ୍ଟମୀ ଉପଲକ୍ଷେ ଗୁରୁବାର ବନ୍ତ କେନାଲ ଛକସ୍ଥିତ ଲିଟିଲ୍ ସ୍କଇରାଲ୍ସ ପବ୍ଲିକ୍ ସ୍କୁଲରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୩୦ ଛାତ୍ରୀଛାତ୍ର ନିଜକୁ ରାଧାକୃଷ୍ଣ ବେଶରେ ସଜାଇ ଏଥିରେ ଭାଗ ନେଇଥିଲେ। ସେହିପରି ମା'ମାନଙ୍କ ମଧ୍ୟରେ ଲିଲିୟା ସ୍ୱାଇଁ, ସ୍ନେହପ୍ରଭା ରାଉତ, ମନିକା ମହାପାତ୍ର, ପୂଜା ମଣ୍ଡଳ, ମିକୁଲି ସେଠୀ ଓ ପଦ୍ମାଳୟା ଦେବତା ପ୍ରମୁଖ ରାଧା ବେଶ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶ୍ରେଷ୍ଠ ରାଧା ଓ ଶ୍ରେଷ୍ଠ କୃଷ୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ରାଧା ବେଶ ପ୍ରତିଯୋଗିତାରେ ଭାଗ ନେଇଥିବା ମା'ମାନେ ମଧ୍ୟ ପୁରସ୍କୃତ ହୋଇଥିଲେ। ସ୍କୁଲର ମୁଖ୍ୟ ନିର୍ଦ୍ଦେଶକ ଡା. ସୁରେନ୍ଦ୍ର କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶିକା ମାନିନୀ ବିଶ୍ୱାଳ, ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ସେନା ଅଧିକାରୀ ସମରେନ୍ଦ୍ର କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ଜେନା, ସୁମିତ୍ରା ନାୟକ, ପ୍ରଣତି ସାହୁ, ଋତୁପର୍ଣ୍ଣା ମହାନ୍ତି, ଉମାରାଣୀ ବିଶ୍ୱାଳ, ରୀନା କର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ରଙ୍ଗୋଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନିକା ମହାପାତ୍ରଙ୍କ ଓଡ଼ିଶୀ ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା। ବିଭିନ୍ନ କାର୍ଯ୍ୟରେ ରବୀନ୍ଦ୍ର କୁମାର ବିଶ୍ୱାଳ, ରତିକାନ୍ତ ଜେନା ଓ ଶରତ ରାଉତ ସହାୟତା କରିଥିଲେ।

## ହିତାଧିକାରୀଙ୍କୁ ଭତ୍ତା, ଟ୍ରାଇସାଇକେଲ

ଭଣ୍ଡାରିପୋଖରୀ,୨୨।୮ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ହିତାଧିକାରୀଙ୍କୁ ଭତ୍ତା, ଟ୍ରାଇସାଇକେଲ ଓ ହ୍ୱିଲଚେୟାର ବଣ୍ଟନ କରାଯାଇଥିଲା। ବିଧାୟକଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା, ବିଡିଓ ବନମାଳି ତରାଇ, ସାମାଜିକ ସୁରକ୍ଷା ଅଧିକାରୀ ସରୋଜିନୀ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣିତକାନ୍ତ ସାମଲ ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସୁଧାଂଶୁ ଶେଖର ପାଢୀ ଉପସ୍ଥିତ ରହି ୧୯୬ ହିତାଧିକାରୀଙ୍କୁ ଇନ୍ଦିରା ଗାନ୍ଧୀ ବାର୍ଦ୍ଧକ୍ୟ, ବିଧବା, ମଧୁବାବୁ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ବଣ୍ଟନ କରିଥିଲେ। ଏଥିସହିତ ୨ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇସାଇକେଲ ଓ ଜଣଙ୍କୁ ହ୍ୱିଲଚେୟାର ପ୍ରଦାନ କରାଯାଇଥିଲା।

## 'ରାସପ୍ରଦୀପ' ଲୋକାର୍ପିତ

ଭଦ୍ରକ ଅଫିସ, ୨୨।୮

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଭଦ୍ରକ ଆଗମନ ଅବସରରେ ବୁଧବାର ସ୍ଥାନୀୟ ସାଲନ୍ଦୀ ହସ୍ପିଟାଲ ସମ୍ମିଳନୀ କକ୍ଷରେ ବାସୁଦେବପୁର ଅଞ୍ଚଳର ପୁରାତନ ଶିକ୍ଷାନୁଷ୍ଠାନ ରାସବିହାରୀ ବିଦ୍ୟାମନ୍ଦିରର ହୀରକ ଜୟନ୍ତୀ ସ୍ମରଣିକା 'ରାସପ୍ରଦୀପ' ଲୋକାର୍ପିତ ହୋଇଛି। ରାଜ୍ୟପାଳ ଏହାକୁ ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂସ୍କୃତ ବିଦ୍ୱାନ୍ ପଣ୍ଡିତ ଦୟାନିଧି ଦାଶ, ଶିକ୍ଷାବିତ୍ ପ୍ରଫେସର୍ ରାମଚନ୍ଦ୍ର ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ନାୟକ ଏବଂ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ମନ୍ମଥ ତିଳକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ନି ସୁରକ୍ଷା ମକ୍‌ଡ୍ରିଲ

ଭଦ୍ରକ ଅଫିସ, ୨୨।୮

ବିଦ୍ୟାଳୟଗୁଡ଼ିକରେ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଦିଗରେ ଆଦାନୀ ଧାମରା ବନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରିଛି। ବନ୍ଦର ପକ୍ଷରୁ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ମାଧ୍ୟମରେ ଏହି କାର୍ଯ୍ୟକ୍ରମଗୁଡ଼ିକ କରାଯାଇଥାଏ। ଏହି ସିଏସ୍‌ଆର୍ ପଦକ୍ଷେପ ଆଧାରରେ ସ୍ଥାନୀୟ ସୁକଚାନ୍ଦ ମାନ୍ନା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଗ୍ନି ଓ ସୁରକ୍ଷା ଡେମୋ ପ୍ରଦର୍ଶନ କରାଯାଇଛି। ସରକାରଙ୍କ ପକ୍ଷରୁ ବିଦ୍ୟାଳୟଗୁଡ଼ିକୁ ଅଗ୍ନି ନିରାପତ୍ତା ନିମନ୍ତେ ଯୋଗାଇ ଦିଆଯାଉଥିବା ଯନ୍ତ୍ରାଂଶର ସଦୁପଯୋଗ କରିବା ସହ ଆବଶ୍ୟକ ସ୍ଥଳେ ଠିକ୍ ବ୍ୟବହାର ଓ ସରକାରୀ ଯୋଜନାର ପୂର୍ଣ୍ଣ ଲାଭ ଉଠାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ଆଦାନୀ ଫାଉଣ୍ଡେଶନ କର୍ମକର୍ତ୍ତା ଓ ଧାମରା ବନ୍ଦର ଅଗ୍ନି ଓ ସୁରକ୍ଷା ବିଭାଗ କର୍ମଚାରୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଧାମରା ଅଞ୍ଚଳର ସ୍ଥାନୀୟ ବିଦ୍ୟାଳୟଗୁଡ଼ିକରେ ନିୟମିତ ସମୟ ବ୍ୟବଧାନରେ ଆୟୋଜିତ ହୋଇଆସୁଛି। ବର୍ତ୍ତମାନ ସୁଦ୍ଧା ଦୋସିଙ୍ଗା ଓ କରମାଳ ଶିକ୍ଷାଜୋନ୍‌ର ୩୫ଟି ବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କୁ ଏହି ତାଲିମ ଦିଆଯାଇଛି।

# ସଚେତନତା କର୍ମଶାଳା

ଭଦ୍ରକ ଅଫିସ, ୨୨।୮

ଭଦ୍ରକ ଜିଲା କାର୍ଯ୍ୟାଳୟର ସ୍ୱଳ୍ପ ସଞ୍ଚୟ ବିଭାଗ ଆନୁକୂଲ୍ୟରେ ଭାରତୀୟ ଡାକ ବିଭାଗର ଭଦ୍ରକ ମଣ୍ଡଳ ସହଯୋଗରେ ବିଭିନ୍ନ ସଞ୍ଚୟ ଯୋଜନା, ଭବିଷ୍ୟନିଧି ଓ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ସମ୍ବନ୍ଧରେ ଏକ ସଚେତନତା କର୍ମଶାଳା ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଯୋଗଦେଇ ଡାକ ବିଭାଗ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଭଦ୍ରକ ଡାକ ମଣ୍ଡଳର ଅଧୀକ୍ଷକ ସର୍ବେଶ୍ୱର ମିଶ୍ର ଏବଂ ସହଯୋଗୀ କଳାକାର ଶତପଥୀ, ପ୍ରିୟରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ରହି ଭାରତୀୟ ଡାକ ବିଭାଗର ବିଭିନ୍ନ ଉତ୍ପାଦ, ସଞ୍ଚୟ ଯୋଜନା ତଥା ଆବର୍ତ୍ତୀ ଜମା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ନୂତନ ଭାବେ ବଜାର ପ୍ରବେଶ କରିଥିବା ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଜିଲା କାର୍ଯ୍ୟାଳୟର କର୍ମଚାରୀଙ୍କୁ ଅବଗତ କରାଯାଇଥିଲା। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଦେବୀଦତ୍ତ ମହାନ୍ତି ଓ ନିରଞ୍ଜନ ଯେନା ପ୍ରମୁଖ ସହଯୋଗ କରିଥିଲେ। ଜିଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

## 'ଆଇନଶୃଙ୍ଖଳା ରକ୍ଷାକୁ ଗୁରୁତ୍ୱ ଦେବି'

ବନ୍ତ, ୨୨।୮ (ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ଥାନାରେ ନୂଆ ଥାନାଧିକାରୀ ଭାବେ ମିନା ବିନ୍ଧାଣୀ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ୨ ବର୍ଷ, ଭଣ୍ଡାରିପୋଖରୀ ଥାନାରେ ଦେଢମାସ ଏବଂ ଭଦ୍ରକ ଟାଉନ ଥାନାରେ ଅତିରିକ୍ତ ଆଇଆଇସି ଭାବେ ୯ ମାସ ଧରି କାର୍ଯ୍ୟ କରିଛନ୍ତି। ବନ୍ତ ଥାନାରେ ଯୋଗଦେବା ପରେ ସେ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦେବା ସହ ଚୋରାମଦ ବିକ୍ରି ବନ୍ଦ ଓ ବିଭିନ୍ନ ସମୟରେ ଘଟୁଥିବା ଚୋରି ରୋକିବା ପାଇଁ ବିଶେଷ ଦୃଷ୍ଟି ଦେବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

# ବିଦ୍ୟାଳୟ କ୍ୟାବିନେଟ ଅଭିଷେକ ଉତ୍ସବ

ଭଦ୍ରକ ଅଫିସ, ୨୨।୮

ଭଦ୍ରକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କ୍ୟାବିନେଟର ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀଙ୍କର ଶପଥ ଗ୍ରହଣ ଓ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସିଏଚ୍ ବିଜୟଲକ୍ଷ୍ମୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ, ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ମୁଖାର୍ଜୀ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ଓ ଶିକ୍ଷକ ମନୋଜ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ମଲ୍ଲିକଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ବିଦ୍ୟାଳୟର ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ପଠନ ଗୃହ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଶିକ୍ଷୟିତ୍ରୀ ସିଏଚ୍ ବିଜୟଲକ୍ଷ୍ମୀ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ନାମ ଘୋଷଣା କରିଥିଲେ। ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ଅନ୍ୟ ମନ୍ତ୍ରୀମାନଙ୍କୁ ଉତ୍ତରୀୟ ପ୍ରଦାନ କରି ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ବିଦ୍ୟାଳୟ ସ୍ତରରେ କ୍ୟାବିନେଟ ଗଠନ ଛାତ୍ରୀମାନଙ୍କ ମଧ୍ୟରେ ଜାତୀୟ ସଂହତି ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସୃଷ୍ଟିର ଏକ ସଫଳ ପ୍ରୟାସ ବୋଲି ବକ୍ତାମାନେ କହିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ବିଧାୟକଙ୍କୁ ସମ୍ବର୍ଦ୍ଧନା


ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଭଡ଼ାରେ ଚାଲିଛି ୧୦ ଉପ ସ୍ୱାସ୍ଥ୍ୟକେନ୍ଦ୍ର

■ ୮ କେନ୍ଦ୍ରରେ ନିଜସ୍ୱ ଗୃହ ଥାଇ ମଧ ରହୁନାହାନ୍ତି କର୍ମଚାରୀ
■ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଲୋକେ

ଭଣ୍ଡାରିପୋଖରୀ, ୨୨।୮ (ଡି.ଏନ.ଏ.)

ଗ୍ରାମାଞ୍ଚଳର ଲୋକଙ୍କୁ ସୁବିଧାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସରକାର ଉପ ସ୍ୱାସ୍ଥ୍ୟକେନ୍ଦ୍ରମାନ ଖୋଲିଛନ୍ତି। ଉପକେନ୍ଦ୍ରଗୁଡ଼ିକରେ ଜଣେ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି। ସରକାରୀ ନିୟମାନୁଯାୟୀ ପ୍ରତି ୫ ହଜାର ଜନସଂଖ୍ୟାରେ ଗୋଟିଏ ଉପ ସ୍ୱାସ୍ଥ୍ୟକେନ୍ଦ୍ର ରହିଲେ ଲୋକ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରିବେ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଲୋକସଂଖ୍ୟା ୧ ଲକ୍ଷ ୪୧ ହଜାରରୁ ଅଧିକ ରହିଛି। ଏହି ଆକଳନ ଅନୁସାରେ ୨୩ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକତା ଥିବାବେଳେ ମାତ୍ର ୧୮ଟି ରହିଛି। ସେଥିମଧ୍ୟରୁ ୮ଟି କେନ୍ଦ୍ର ନିଜସ୍ୱ ଗୃହରେ ଚାଲିଥିବାବେଳେ ୧୦ଟି ଭଡ଼ାଘରେ ଚାଲିଛି। କେତେକ ସ୍ଥାନରେ ନିଜସ୍ୱ ଗୃହରେ ପାଚେରୀ ଓ ଅନ୍ୟାନ୍ୟ ସୁବିଧା ନ ଥିବାରୁ ତାଲା ପଡ଼ିଛି। ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ସବୁ ସ୍ଥାନରେ ଘର ନ ଥିବା ଓ କର୍ମଚାରୀ ଅଭାବ ଯୋଗୁ ଯୋଜନାର ସଫଳ ରୂପାୟନରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି।



ପାଚେରୀବିହୀନ ସରସଦା ଉପ ସ୍ୱାସ୍ଥ୍ୟକେନ୍ଦ୍ର।

ଉଲ୍ଲେଖନୀୟ ଯେ, ଏହି ବ୍ଲକରେ ମୋଟ ୧୮ ଉପ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୮ଟିର ନିଜସ୍ୱ ଗୃହ ଥିବାବେଳେ ମଞ୍ଜୁରିରୋଡ ଉପକେନ୍ଦ୍ର ୩ ବର୍ଷ ହେଲା ଭାଙ୍ଗିରୁଜି ଗଲାଣି। ୭ଟି ଉପକେନ୍ଦ୍ର ଚାଲୁଛି। ସେଥିମଧ୍ୟରୁ କେତେକ କେନ୍ଦ୍ରରେ କର୍ମୀମାନେ ନ ରହି ଘରକୁ ପଳାଉଛନ୍ତି। ଫଳରେ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟ ଭଣ୍ଡାରିପୋଖରୀ, ବାରିକପୁର, ଜଳମଣ୍ଡୁଆ, ପାଟୁଳୀ, ବନ୍ଧାଳୋ, କୁଲଣା, ଆଖୁଆପଦା, ରଘୁନାଥପୁର, ମଣିନାଥପୁର, ମାଳଦା କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଭଡ଼ାରେ ଚାଲୁଛି। ସେହିପରି ବ୍ଲକରେ ୨୩ ଜଣ ଏଏନ୍‌ଏମ୍, ୧୩୩ ଆଶାକର୍ମୀ, ୧୬ ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ୮ ସୁପରଭାଇଜରଙ୍କ ମଧ୍ୟରୁ ଜଣେ ବର୍ଷେ ହେଲା ଅବସର ନେଇଥିଲେ ମଧ୍ୟ କାହାରିକୁ ନିଯୁକ୍ତ କରାଯାଇ ନାହିଁ। ୫ ଜଣ ଆଶା ସାଥୀ କାର୍ଯ୍ୟ କରୁଛନ୍ତି। ସେହିପରି ୧୩୫ ଆଶାକର୍ମୀ ରହିବା ସ୍ଥାନରେ ୧୩୩ ଜଣ ଅଛନ୍ତି। ଏଏନ୍‌ଏମ୍ ୨୫ରୁ ୨୩, ପୁରୁଷ ସ୍ୱାସ୍ଥ୍ୟକର୍ମୀ ୧୮ରୁ ୧୬ ଜଣ ରହିଛନ୍ତି। ଆବଶ୍ୟକ କର୍ମଚାରୀ ଓ ନିଜସ୍ୱ ଗୃହ ନ ଥିବାରୁ ଜନନୀ ସୁରକ୍ଷା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ସୁଚାରୁରୂପେ ହୋଇପାରୁ ନାହିଁ। ମଞ୍ଜୁରିରୋଡ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଦୁରବସ୍ଥା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆରଡ଼ି ବିଭାଗକୁ ଜଣାଯାଇଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତଙ୍କୁ ପଚାରିବାରୁ ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ନିଜସ୍ୱ ଗୃହ, ଆବଶ୍ୟକ କର୍ମଚାରୀ ଯୋଗାଇ ଦେଲେ ପ୍ରତ୍ୟେକ କାର୍ଯ୍ୟ ଠିକ୍ ଭାବେ ହୋଇପାରନ୍ତା ବୋଲି କହିଛନ୍ତି।

# ରାସ୍ତା ପାରବେଳେ ଜୀବନ ହାରୁଛନ୍ତି ଜୀବଜନ୍ତୁ

ନରେଶ ପଟ୍ଟନାୟକ
କେନ୍ଦୁଝର, ୨୨।୮

ରାଜ୍ୟ ଏବଂ କେନ୍ଦ୍ର ସରକାର ବନ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏପରି ହେଲେ ଅମୂଲ୍ୟ ପ୍ରାଣୀ ସମ୍ପଦ ବିଲୁପ୍ତ ହୋଇଯିବ କହିଲେ ଅତ୍ୟୁକ୍ତି ହେବ ନାହିଁ। କେନ୍ଦୁଝର ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ୨୦ ମଣିଷ ଓ ବନ୍ୟପ୍ରାଣୀଙ୍କ ପାଇଁ ବିପଦର କାରଣ ପାଲଟିଛି । ଅସମ୍ପୂର୍ଣ୍ଣ ରାସ୍ତା ସାଙ୍ଗକୁ ତ୍ରୁଟିପୂର୍ଣ୍ଣ ରାସ୍ତା ଏହି ବିପଦର କାରଣ ହୋଇଛି । ରାସ୍ତାରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଥିବା ବେଳେ ରାସ୍ତା ଅତିକ୍ରମ ସମୟରେ ଜଙ୍ଗଲୀ ଜୀବଜନ୍ତୁ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। ବୁଧବାର ବିଳମ୍ବିତ ରାତିରେ ରାସ୍ତା ରେ ହାତୀ ପଲ ପାର ହେଉଥିବା ବେଳେ ପ୍ରଥମେ ଟ୍ରକ ଓ ତା ପରେ ବସ ଧକ୍କା ଦେବା ଫଳରେ ଏକ ଛୁଆ ହାତୀ ମିଶାଇ ୩ ଟି ମାଈହାତୀର ଶୋଚନୀୟ ମୃତ୍ୟୁ ଘଟିଛି। ଏହି ଘଟଣା ଘଟିବା ପରେ ସମଗ୍ର ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି। ଏପରି ଅନେକ ବାର ଘଟିଥିଲେ ମଧ୍ୟ ପ୍ରଶାସନ ସଜାଗ ହେଉନାହିଁ। ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ଏହା ପ୍ରଥମ ନୁହେଁ ଗତ କିଛି ମାସ ମଧ୍ୟରେ ନରଣପୁର, ପଳାଶପଙ୍ଗା ନିକଟରେ ଭାଲୁ, ବାରହା ଆଦି ଜୀବଜନ୍ତ ଗାଡି ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ତ୍ରୁଟିପୂର୍ଣ୍ଣ ଆନିମଲ ଅଣ୍ଡରପାସ ଏବଂ ଅନେକ ସ୍ଥାନରେ ଏହି କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବା ଓ ଠିକ ସ୍ଥାନରେ ନିର୍ମାଣ ହୋଇ ପାରି ନ ଥିବାରୁ ଜଙ୍ଗଲୀ ଜୀବଜନ୍ତୁ ଅକାଳରେ ପ୍ରାଣ ହରାଉଥିବା ବନ୍ୟପ୍ରାଣୀ ପ୍ରେମୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଡିଏଫଓ ସନ୍ତୋଷ ଯୋଶୀ କହିଛନ୍ତି ଯେ ପାଖରେ ବନ୍ୟ ପ୍ରାଣୀଙ୍କ ଯାତାୟାତ ପାଇଁ ଅଣ୍ଡରପାଶ ଅଛି କିନ୍ତୁ ହାତୀ ପଲ ଅନ୍ୟ ସ୍ଥାନରେ ରାସ୍ତା ପାର ହେଉଥିବା ବେଳେ ଏଭଳି ଦୁର୍ଘଟଣା ଘଟିଛି। ତେବେ ଜାତୀୟ ରାଜପଥ ନଂ ୨୦ରେ ଜଙ୍ଗଲୀ ଜୀବଜନ୍ତୁଙ୍କ ଯାତାୟତ ପାଇଁ ଅଣ୍ଡର ପାସ ସଂରକ୍ଷିତ ଜଙ୍ଗଲ ନିକଟରେ କରାଯାଇନଥିବାରୁ ବନ୍ୟ ଜନ୍ତୁ ରାସ୍ତା ପାର କରିବାରେ ସମସ୍ୟା ଭୋଗୁଛନ୍ତି। ଅନେକ ସମୟରେ ରାସ୍ତା ପାର ହେଲା ବେଳେ ଗାଡି ଧକ୍କାରେ ମୃତ୍ୟୁବରଣ କରୁଛନ୍ତି। ଏହି ଜାତୀୟ ରାଜପଥ ୨୦, ଜିଲାର ଅଟେଇ ସଂରକ୍ଷିତ ଜଙ୍ଗଲ, ବାଲିବନ୍ଧ ସଂରକ୍ଷିତ ଜଙ୍ଗଲ, ଟାଙ୍ଗରାଣୀ ସଂରକ୍ଷିତ ଜଙ୍ଗଲ, ନରଣପୁର ସଂରକ୍ଷିତ, ବାରବାଙ୍କ, କନ୍ତୋ ଆଦି ଜଙ୍ଗଲ ନିକଟରେ ଯାଇଥିବା ଜଣାପଡିଛି। କେତେକ ରାସ୍ତାରେ ଆନିମଲ ଅଣ୍ଡର ପାସ ନିର୍ମାଣ କରାଯାଇଛି। ତେବେ କେତେକ ଠିକ ସ୍ଥାନରେ ହୋଇନଥିବା ଏବଂ ନିର୍ମାଣ ଶେଷ ହୋଇନଥିବା ଅଭିଯୋଗ ହୋଇଛି । ଏହି ଅଣ୍ଡରପାସଗୁଡିକ କରିବାର ମୂଳଲକ୍ଷ୍ୟ ହେଲା ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସଂରକ୍ଷିତ ଜଙ୍ଗଲରେ ରହୁଥିବା ହାତୀ ଓ ଅନ୍ୟ ଜୀବଜନ୍ତୁ ବିନା ବାଧାରେ ଯାତାୟାତ କରିପାରିବେ। ରାତିରେ ରାସ୍ତା ଫାଙ୍କା ହୋଇଥିବାରୁ ଟ୍ରକ ଏବଂ ବସ ଦ୍ରୁତଗତିର ଯାଉଛନ୍ତି। ଏନେଇ ଦୁର୍ଘଟଣାରେ ଅନେକ ଜୀବଜନ୍ତୁ ପ୍ରାଣ ହରାଉଛନ୍ତି। ଏଣୁ ତୁରନ୍ତ ଅଣ୍ଡରପାସ ନିର୍ମାଣ କରିବା ସହ ବନ୍ୟପ୍ରାଣୀ ଯାତାୟତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଦାବି ହଉଛି । ଏନେଇ ଗାଡିର ବେଗ ନିୟନ୍ତ୍ରଣ କରିବା ସହ ହର୍ଣ୍ଣ ମାରି ଯିବା ଆସିବା କରିବା ପାଇଁ ନୀତିନିୟମ ଲାଗୁ କରିବାକୁ ଦାବି ହେଉଛି। ସାଧାରଣତଃ ବନ୍ୟପ୍ରାଣୀ ଏକ ନିର୍ଦ୍ଦିଷ୍ଟ ପଥରେ ଯାତାୟତ କରିଥାନ୍ତି। ସେସବୁ ପଥରେ ରାସ୍ତା ନିର୍ମାଣ ହେବା ଫଳରେ ପଥଭ୍ରଷ୍ଟ ହୋଇ ଅନ୍ୟ ରାସ୍ତାରେ ଯିବାଆସିବା କରିବାକୁ ବାଧ୍ୟ ହୋଇଥାନ୍ତି। ଯେଉଁଠିକି ଦୁର୍ଘଟଣାର ଶିକାର ହୋଇଥାନ୍ତି ବୋଲି କେନ୍ଦୁଝର ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ହରେକୃଷ୍ଣ ମହାନ୍ତ କହିଛନ୍ତି। ଏଣୁ ହାତୀ ମାନଙ୍କ ଗତିପଥକୁ ନୀରିକ୍ଷଣ କରି ଏଭଳି ରାସ୍ତା ବା ରେଳଲାଇନ ପାର ହେବା ସମୟରେ ଗାଡି ଚାଳକଙ୍କୁ ସୂଚନା ଦେବା ବ୍ୟବସ୍ଥା କରିବାକୁ ଦାବି ହେଉଛି।



ବନ୍ୟ ଜନ୍ତୁଙ୍କ ପାଇଁ ଅଣ୍ଡରପାସ୍।

### ଅଣ୍ଡରପାସ୍ ନିର୍ମାଣ ଦାବି
- ଗାଡ଼ିର ବେଗ ନିୟନ୍ତ୍ରଣ ଲାଗି ନିୟମ ଆବଶ୍ୟକ
- ବନ୍ୟପ୍ରାଣୀ ଯାତାୟାତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ

## ସଂକ୍ଷେପରେ

### ନିଖୋଜ ଯୁବତୀ ବାଙ୍ଗାଲୋରରୁ ଉଦ୍ଧାର

ଚମ୍ପୁଆ,୨୨।୮(ଡି.ଏନ.ଏ.): ଦୀର୍ଘ ୨ ବର୍ଷ ତଳେ ବାଙ୍ଗାଲୋର କାମ କରିବାକୁ ଯାଇ ଚମ୍ପୁଆ ସରୁ ପତଳା ଅଞ୍ଚଳର ଜଣେ ଯୁବତୀ ନିଖୋଜ ପରେ ଚମ୍ପୁଆ ପୋଲିସ ଦ୍ୱାରା ବାଙ୍ଗାଲୋରରୁ ଉଦ୍ଧାର ହୋଇଛନ୍ତି। ସେ ୨ ବର୍ଷ ତଳେ କର୍ମ ଅନ୍ୱେଷଣରେ ବାଙ୍ଗାଲୋର ଯାଇ ନିଖୋଜ ହୋଇଯାଇଥିଲେ। ଘର ଲୋକ ବହୁ ଖୋଜାଖୋଜି କରି ବିଫଳ ହେବାପରେ ଗତ ଦୁଇମାସ ତଳେ ଚମ୍ପୁଆ ଥାନାରେ ତାଙ୍କ ଭାଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଚମ୍ପୁଆ ପୋଲିସ ବାଙ୍ଗାଲୋର ସହ ସମ୍ପର୍କ ରଖିବା ସହିତ ଯୁବତୀ ଜଣକ ନିଖୋଜ ପରେ ଉଦ୍ଧାର ହୋଇ ସଟ୍ ଷ୍ଟେ ହୋମରେ ୬ ମାସ ଧରି ରହିଥିବା ଜାଣିବାକୁ ପାଇଥିଲେ। ଏ ନେଇ ପୋଲିସ ଆବଶ୍ୟକ କାଗଜ ପତ୍ର ଯୋଗାଡ କରିବା ସହିତ ଆଇଆଇସି ମନୋରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ବାଙ୍ଗାଲୋର ଯାଇ ତାଙ୍କୁ ଉଦ୍ଧାର କରିବାପରେ ଚମ୍ପୁଆ ଆଣି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

କେନ୍ଦୁଝର, ୨୨।୮(ଡି.ଏନ୍.ଏ.): କେନ୍ଦୁଝର ଜିଲା ନୟାକୋଟ ଥାନା ଅନ୍ତର୍ଗତ ବରଗୋଡା ନିକଟରେ ଏକ ମୋଟରସାଇକେଲ ଦୁର୍ଘଟଣାଗ୍ରସ୍ତ ହେବାରୁ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ବୁଧବାର ରାତି ପ୍ରାୟ ୯ଟାରେ ବରଗୋଡାସ୍ଥିତ ଗୁପ୍ତେଶ୍ୱର ହାଇସ୍କୁଲରେ ପିଅନ ଭାବେ କାର୍ଯ୍ୟରତ ମାର୍କଣ୍ଡ ପାତ୍ର(୫୨) ଏକ ମୋଟରସାଇକେଲ ଯୋଗେ ତାଙ୍କ ଗାଁ ଜଳଡିହାକୁ ଆସୁଥିବାବେଳେ ବିଦ୍ୟାଳୟଠାରୁ ଅଳ୍ପଦୂରରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ବିଲ ମଧକୁ ଖସି ପଡିଥିଲା। ଫଳରେ ବିଲ କାଦୁଅରେ ମାର୍କଣ୍ଡ ପାତ୍ର ମୁହଁ ମାଡି ପଡିବା ପରେ ତାଙ୍କ ଉପରେ ମୋଟରସାଇକେଲ ପଡିଯାଇଥିଲା। ବିଦ୍ୟାଳୟରେ ଥିବା କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ବାଂଶପାଳ ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଏକ ଦିବସୀୟ ଶିଶୁ ସୁରକ୍ଷା କର୍ମଶାଳା

ଚମ୍ପୁଆ,୨୨।୮(ଡି.ଏନ.ଏ.): ଚମ୍ପୁଆ ଥାନା ପରିସରରେ କେନ୍ଦ୍ର ସରକାରଙ୍କର ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ଶିଶୁ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚାଇଲ୍ଡ ଲାଇନ ସଦସ୍ୟ ମାତୃବାଳା ସ୍ୱାଇଁ ଓ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା ଶିଶୁଙ୍କ ସୁରକ୍ଷା, ଅନାଥ ଶିଶୁ ଏବଂ ଶିଶୁଙ୍କ ଭବିଷ୍ୟତ ଗଢିବା ନେଇ ବିଭିନ୍ନ ବ୍ୟବସ୍ଥା ସମ୍ବନ୍ଧରେ ଅବଗତ କରାଇଥିଲେ। ଶିଶୁଙ୍କ ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟରେ ପୋଲିସ ପକ୍ଷରୁ ମିଳୁଥିବା ସହଯୋଗ ପାଇଁ ଧନ୍ୟବାଦ ଦେବା ସହିତ ନାବାଳିକା ବିବାହ ଭଳି ଘୃଣ୍ୟ ପ୍ରଥାକୁ ଉଚ୍ଛେଦ ପାଇଁ ସବୁ ବର୍ଗର ଲୋକ ଆଗେଇ ଆସିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଆଇଆଇସି ମନୋରଞ୍ଜନ ପ୍ରଧାନ, ପଦ୍ମାବତୀ କପାଟ, ସ୍ୱରୂପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲରେ ଜନ୍ମାଷ୍ଟମୀ ପାଳିତ

କେନ୍ଦୁଝର, ୨୨।୮(ଡି.ଏନ୍.ଏ.)

କେନ୍ଦୁଝର ସହର ମାଧପୁରସ୍ଥିତ ଲିଟିଲ ମିଲେନିୟମ ସ୍କୁଲ ପରିସରରେ ଜନ୍ମାଷ୍ଟମୀ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର କୁନିକୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରାଧାକୃଷ୍ଣ ବେଶରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପାଲି ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଚିନ୍ମୟୀ ବେହେରା, ଅର୍ଚ୍ଚନା କର ଓ ପ୍ରୀତିଲତା ସାହୁ ସହଯୋଗ କରିଥିଲେ।


ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର।

# ଜବରଦଖଲକାରୀଙ୍କ ପାଇଁ ବଜାର ରାସ୍ତା ଜାମ

ତେଲକୋଇ, ୨୨।୮(ଡି.ଏନ.ଏ.)

ତେଲକୋଇ ବ୍ଲକ ମୁଖ୍ୟାଳୟର ବଜାର ଅଞ୍ଚଳରେ ଥିବା ଦୋକାନ ଗୃହ ଓ ରାସ୍ତା ଗୁଡ଼ିକୁ ଜବରଦଖଲକାରୀଙ୍କ ଯୋଗୁ ଅବରୋଧ କରାଯାଇଛି।ଏଥିପାଇଁ ଏହି ମୁଖ୍ୟାଳୟରେ ଯାତାୟାତ ସମସ୍ୟା ହେଉଛି । ସେହିପରି ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ରାସ୍ତା ନିର୍ମାଣରେ ବାଧକ ସୃଷ୍ଟି ହୋଇଛି। ଏନେଇ ତହସିଲ ବିଭାଗ ଓ ପିଡବ୍ଲ୍ୟୁଡି ପକ୍ଷରୁ ଗୁରୁବାର ଚିହ୍ନଟ କରି ଜବର ଦଖଲକାରୀଙ୍କ ପାଇଁ ସତର୍କ କରିବା ସହିତ ତୁରନ୍ତ ରାସ୍ତା ଅବରୋଧକୁ ହଟାଇବାକୁ ନୋଟିସ କରାଯାଇଛି। ସ୍ଥାନୀୟ ତହସିଲଦାର ଅଶ୍ୱିନ ନାୟକଙ୍କ କହିବାନୁଯାୟୀ ଜବର ଦଖଲ କରିଥିବା ବଜାର ଅଞ୍ଚଳ ଗୁଡ଼ିକ ଚିହ୍ନଟ କରାଯାଇଛି। ଏହାର ଖିଲାପ ହେଲେ ମେଶିନ ଦ୍ୱାରା ଉଚ୍ଛେଦ କରାଯିବ। ଏସମ୍ପର୍କରେ ପିଡବ୍ଲ୍ୟୁଡି ବିଭାଗର ଯନ୍ତ୍ରୀ ପଞ୍ଚାନନ ଧରଣୀଆଙ୍କୁ ପଚାରିବାରୁ ତେଲକୋଇ ଠାରୁ କାଞ୍ଜିପାଣି ପର୍ଯ୍ୟନ୍ତ ୨ଲେନର ରାସ୍ତା ନିର୍ମାଣ କରାଯାଉଛି। ହେଲେ ତେଲକୋଇ ବଜାର ଅଞ୍ଚଳ ସମସ୍ୟା ପାଇଁ ରାସ୍ତା କାର୍ଯ୍ୟ ହୋଇପାରୁ ନାହିଁ ବୋଲି ସେ କହିଛନ୍ତି।

# ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ଶ୍ରମିକଙ୍କ ଧାରଣା

କେନ୍ଦୁଝର, ୨୨।୮(ଡି.ଏନ୍.ଏ.)

ଓଡ଼ିଶା କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନ(ସିଆଇଟିୟୁ)ର ନେତୃତ୍ୱରେ ବହୁ ନିର୍ମାଣ ଶ୍ରମିକ ସରକାରୀ ବସଷ୍ଟାଣ୍ଡଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଶ୍ରମ ଅଧିକାରୀଙ୍କୁ ଏକ ୨୩ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡିକ ମଧ୍ୟରେ କେନ୍ଦ୍ର ସରକାର ସାମାଜିକ ସୁରକ୍ଷା ଲେବର କୋଡ୍ ପ୍ରସ୍ତାବକୁ ବାତିଲ କରିବା, ନିର୍ମାଣ କଲ୍ୟାଣ ବୋର୍ଡରେ କାର୍ଯ୍ୟକାଳ ସରି ଯାଇଥିବା ହେତୁ ଅବିଳମ୍ବେ ଏହାର ପୁନର୍ଗଠନ କରିବା, ବିଭିନ୍ନ ସହାୟତା ରାଶିକୁ ଅହେତୁକ ବିଳମ୍ବ ନ କରି ନିର୍ମାଣ ଶ୍ରମିକ ହିତାଧିକାରୀମାନଙ୍କୁ ଯଥାଶୀଘ୍ର ସହାୟତା ପ୍ରଦାନ କରିବା, ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୮ଲକ୍ଷ ଟଙ୍କା ଓ ଦୁର୍ଘଟଣାଜନିତ ଅକ୍ଷମମାନଙ୍କ ପାଇଁ ୩ ଲକ୍ଷ ଟଙ୍କା, ସାଧାରଣ ମୃତ୍ୟୁ ପାଇଁ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା, ୬୦ବର୍ଷ ହେଲେ ନିର୍ମାଣ ଶ୍ରମିକ ହିତାଧିକାରୀମାନଙ୍କୁ ୬ହଜାର ଟଙ୍କା ପେନସନ ପ୍ରଦାନ କରିବା ଆଦି ୨୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ ସମାବେଶରେ ରାଜ୍ୟ ସମ୍ପାଦକ ଜନ୍ମେଶ୍ୱର ସାମନ୍ତରାୟ, ଜିଲା ସମ୍ପାଦକ ଧରଣୀଧର ମହାନ୍ତ, ଜିଲା ସଂଯୋଜକ ଭବାନୀ ଶଙ୍କର ମହାନ୍ତ, କୃଷକ ସଭାର ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ, ତୀର୍ଥବାସୀ ମହାନ୍ତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନେତ୍ରାନନ୍ଦ ମହାନ୍ତ, ଧରଣୀଧର ନାଏକ, ମନୋହର ମହାନ୍ତ, ରଞ୍ଜନ କୁମାର ଧଳ, ଗୋବିନ୍ଦ ଚନ୍ଦ୍ର ମହାନ୍ତ ପ୍ରମୁଖ ଏଥିରେ ନେତୃତ୍ୱ ନେଇଥିଲେ।



ଶ୍ରମ କାର୍ଯ୍ୟାଳୟ ଆଗରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

■ ଆଇତିପୁର ପଞ୍ଚାୟତ ହାଇସ୍କୁଲ ବିବାଦ

# ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ହାଟଡିହୀ,୨୨।୮(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଆଇତିପୁର ପଞ୍ଚାୟତ ହାଇସ୍କୁଲର ବିଭିନ୍ନ କ୍ଷେତ୍ରରେ ବେନିୟମ କାର୍ଯ୍ୟ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ବିଦ୍ୟାଳୟର ଗୃହ ଅବସ୍ଥିତ ଭିତ୍ତିଭୂମି ଓ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ କ୍ଷେତ୍ରରେ ବିଭିନ୍ନ ବେନିୟମ ହୋଇଥିବା ନେଇ ତା ୨୯।୩।୨୦୧୭, ୮।୩।୨୦୧୯ ଓ ୨୨।୬।୨୦୧୯ ରିଖରେ ଲିଖିତ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନଥିଲା। ଫଳରେ ମାନ୍ୟବର ଓଡିଶା ହାଇକୋର୍ଟଙ୍କ ନିକଟରେ ଏକ ମାମଲା ଦାୟର୍ ହୋଇଥିଲା। ମାମଲା ନଂ ଡବ୍ଲ୍ୟୁପି(ସି) (ପିଆଇଏଲ)୧୩୪୧୦/୨୦୧୯ରେ ତା ୫।୮।୨୦୧୯ରିଖି ମାନ୍ୟବର ହାଇକୋର୍ଟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, ସେକେଣ୍ଡାରୀ ଏଜୁକେସନ୍ ଡାଇରେକ୍ଟର୍ ଓ କେନ୍ଦୁଝର ଜିଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗକାରୀଙ୍କ ଅଭିଯୋଗ ସ୍ଥଗିତ ଥିଲେ ନିର୍ଦ୍ଦେଶ ପାଇବାର ୬ ସପ୍ତାହ ମଧ୍ୟରେ ନିୟମ ଅନୁସାରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭିକାରୀ ବେହେରା, ଜୟନ୍ତ ଦାସ, ସରସ୍ୱତୀ ବେହେରା, କୃଷ୍ଣ ଚନ୍ଦ୍ର ବେହେରା, ଗଦାଧର ଦାସ, ଅମରବର ଦାସ, ଶତ୍ରୁଘ୍ନ ଦାସ, ସବିତା ପୁହାଣ ପ୍ରମୁଖ ମାମଲା ଦାୟର୍ କରିଥିଲେ। ଏସମ୍ପର୍କରେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ନିର୍ଦ୍ଦେଶନାମା ପାଇନୁ। ପାଇବା ପରେ ନିୟମ ଅନୁସାରେ କାର୍ଯ୍ୟ କରାଯିବ। ମେଲ୍ ଓ ଡାକ ଜରିଆରେ କୋର୍ଟଙ୍କ ନିର୍ଦ୍ଦେଶନାମା ପକ୍ଷଭୁକ୍ତ ଅଧିକାରୀଙ୍କ ନିକଟକୁ ପଠାଯାଇଥିବା ଅଭିଯୋଗକାରୀମାନେ କହିଛନ୍ତି।

### ଉଦ୍ଧାର ଅହିରାଜକୁ ଜଙ୍ଗଲରେ ଛଡ଼ାଗଲା



ପାଟଣା,୨୨।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତ ତଣ୍ଡ ଗ୍ରାମ ମଝି ସାହିର ପ୍ରଭାକର ବେହେରାଙ୍କ ଘରୁ ଏକ ୧୪ ଫୁଟ ଲମ୍ବର ଅହିରାଜ ସାପକୁ ବନବିଭାଗ ଉଦ୍ଧାର କରିଛି। ବନାଞ୍ଚଳ ଅଧିକାରୀ ପିତ୍ରମୋହନ ନାଏକଙ୍କ ସୂଚନା ମୁତାବକ ସାପଟିକୁ ଅଟେଇ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଦିଆଯାଇଛି।

# କାର୍ଯ୍ୟାଦେଶ, ଭତ୍ତା ବଣ୍ଟନ ମେଳା

ପାଟଣା, ୨୨।୮(ସ୍ୱ.ପ୍ର.)

ପାଟଣା ବ୍ଲକ ପରିସରରେ ଗୁରୁବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ ନିର୍ମାଣ କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପାଟଣା ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗଦେଇ ୧୧୯୫ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟାଦେଶ ଓ ୨୪୦ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଭତ୍ତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପାଟଣା ବିଡିଓ ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ବିତ୍ତ ଅଧିକାରୀ ଧନେଶ୍ୱର ନାଏକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାନ୍ତନା ଦାସ, ଜିଲା ପରିଷଦ ସଭ୍ୟ ଡଲି ପାତ୍ର ଓ ସୁରେଶ ଚନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକର ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଗ୍ରାମ ରୋଜଗାର ସେବକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପାଟଣା ବ୍ଲକର ସମସ୍ତ କର୍ମଚାରୀ ଓ ହିତାଧିକାରୀ ଯୋଗ ଦେଇଥିଲେ।



ବିଧାୟକ ଜଗନ୍ନାଥ ନାଏକଙ୍କ ଦ୍ୱାରା ହିତାଧିକାରୀଙ୍କୁ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

# ଆଦର୍ଶ ବିଦ୍ୟାଳୟ ରାସ୍ତା ମରଣଯନ୍ତା

ଆନନ୍ଦପୁର, ୨୨।୮(ସ୍ୱ.ପ୍ର.)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଆନନ୍ଦପୁରର ଭିତ୍ତିଭୂମି ବିକାଶ ପାଇଁ ୧୭ କୋଟି ୬୪ ଲକ୍ଷର ଆକ୍‌ଶନ ପ୍ଲାନ୍ ଆପ୍ରୁଭ ସରିଛି, ବାକି ରହିଛି ଟେଣ୍ଡର ପ୍ରକ୍ରିୟା। ଏହି ଅନୁଦାନରେ ବିଦ୍ୟାଳୟର ପାଚେରି, ମୁଖ୍ୟ ଗେଟ୍, ଆପ୍ରୋଚ ରୋଡ, ସାଇକେଲ ଷ୍ଟାଣ୍ଡ, ବାଳିକା ଫୁଟବଲ, ବାଳକ ଫୁଟବଲ, ଭଲିବଲ୍ ଆଦି ଖେଳପଡିଆ, ଛାତ୍ରୀ ନିବାସ, ଛାତ୍ରାବାସ ସହିତ ଅନ୍ୟ ଭିତ୍ତିଭୂମିର ବିକାଶ ପାଇଁ ଖର୍ଚ୍ଚ ହେବ। ହେଲେ ବିଦ୍ୟାଳୟକୁ ଯାଇଥିବା ରାସ୍ତାର ଦୁରବସ୍ଥା ପ୍ରତି କାହାର ଦୃଷ୍ଟି ନାହିଁ। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାର ମରାମତି ପାଇଁ ତା ୧।୧୧।୨୦୧୮ରିଖରେ ଜିଲାପାଳଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ଅଦ୍ୟାବଧି ଏହି ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କ ସ୍ତରରୁ ଅନୁମୋଦନ ମିଳି ନ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ସୂତ୍ରରୁ ଜଣାପଡିଛି।

ଆନନ୍ଦପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଯାଇଥିବା ଏହି ରାସ୍ତା ମରଣଯନ୍ତାରେ ପରିଣତ ହେଲାଣି। ୨୦ ନଂ ଜାତୀୟ ରାଜପଥ ଠାରୁ ଆଦର୍ଶ ବିଦ୍ୟାଳୟକୁ ପ୍ରାୟ ୧ କି.ମି. ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ ଉପଖଣ୍ଡର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଯଥା ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଘସିପୁରା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ, ଡିଏଫଓଙ୍କ କାର୍ଯ୍ୟାଳୟ , ପୌରପରିଷଦ ଡମ୍ପିଂୟାର୍ଡ, ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ନିର୍ଭର କରିଥାଏ। ଏହି ଦୃଷ୍ଟିରୁ ରାସ୍ତାର ଗୁରୁତ୍ୱ ଅଧିକ ରହିଥିବା ସତ୍ତ୍ୱେ ଜିଲା ପ୍ରଶାସନ ବୈମାତୃକ ମନୋଭାବ ପୋଷଣ କରିବା ପରିତାପର ବିଷୟ ସାଜିଛି। ଏହି ରାସ୍ତା ଦୀର୍ଘ ବର୍ଷ ବର୍ଷ ଧରି ମରାମତି କିମ୍ବା ନୂତନ ଭାବେ ନିର୍ମାଣ କରାଯାଉ ନ ଥିବାରୁ ବଡ ବଡ ଖାଲଖମା ସୃଷ୍ଟି ହୋଇ ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଏତଦ୍‌ବ୍ୟତୀତ ଛାତ୍ରୀଛାତ୍ରମାନେ ଘରୋଇ ଯାନବାହନ, ସାଇକେଲ ଯୋଗେ ଏହି ରାସ୍ତା ଦେଇ ଆଦର୍ଶ ବିଦ୍ୟାଳୟକୁ ଯାଇଥାନ୍ତି। ବିଦ୍ୟାଳୟକୁ ଯାତାୟାତ ସମୟରେ ଛାତ୍ରୀଛାତ୍ର ରାସ୍ତାର ଦୁରବସ୍ଥା ପାଇଁ ନାନା ହଇରାଣ ହରକତ ହେଉଛନ୍ତି। ସଂପୃକ୍ତ ରାସ୍ତାଟି ପୌରପରିଷଦ ଅଧୀନରେ ରହିଥିବାରୁ ଅନ୍ୟ କୌଣସି ବିଭାଗ ଏହି ରାସ୍ତା ନିର୍ମାଣ କାର୍ଯ୍ୟ କ୍ଷେତ୍ରରେ ଗୁରୁତ୍ୱ ଦିଅନ୍ତି ନାହିଁ କିମ୍ବା ନିଜ ଅଧୀନକୁ ନେଇ ନିର୍ମାଣ କରିପାରନ୍ତି ନାହିଁ। ଫଳରେ ରାସ୍ତାର ଦୁରବସ୍ଥା ସୁଧୁରିବା ନାଁ ଧରୁନାହିଁ। ନିକଟରେ ପୌରପରିଷଦ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଯାଇଥିଲା। ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହାକୁ ପ୍ରତ୍ୟାଖାନ କରିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣ କରିବା ପାଇଁ ପ୍ରସ୍ତାବ ପ୍ରତ୍ୟାଖାନ କରିବା ପରେ ବିଭାଗ ପକ୍ଷରୁ ଓଡିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ୍ (ଓଏମବିଏଡିସି) ଫଣ୍ଡରେ ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା।

### ଆକ୍‌ଶନ ପ୍ଲାନ ସରିଛି, ବାକି ରହିଛି ଟେଣ୍ଡର ପ୍ରକ୍ରିୟା


ଆଦର୍ଶ ବିଦ୍ୟାଳୟ ରାସ୍ତା ଶୋଚନୀୟ।

## ସଂକ୍ଷେପରେ

### କଲେଜ ହଷ୍ଟେଲରେ ବିଧାୟକ

ଭଦ୍ରକ ଅଫିସ, ୨୨।୮ - ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉର୍ଦ୍ଦୁ ପ୍ରବନ୍ଧ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରନେତା ଭାସ୍କର ମହାଳିକ(ଉତ୍ତର ଓଡ଼ିଶା ଜୋନାଲ ଉପସଭାପତି)ଙ୍କ ସହ ଛାତ୍ର ଅଂଶୁମାନ ମହାନ୍ତି, ସତ୍ୟଜିତ ବେହେରା, ପ୍ରିୟବ୍ରତ ପଣ୍ଡା, ଅତୁଲ୍ୟ ଦଳାଇ, ବିକାଶ ବେହେରା ଏବଂ ଅନ୍ୟ ଛାତ୍ରୀଛାତ୍ର ତାଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ସରିବା ପରେ ବିଧାୟକ ମହାବିଦ୍ୟାଳୟରେ ଥିବା ଛାତ୍ରାବାସ ଏବଂ ଛାତ୍ରୀନିବାସ ବୁଲି ଦେଖିଥିଲେ। ଛାତ୍ରାବାସର ବିଭିନ୍ନ ସମସ୍ୟାର ସମାଧାନ ଓ ଛାତ୍ରୀନିବାସରେ ଥିବା ଅସମ୍ପୂର୍ଣ୍ଣ ରାସ୍ତାର ଖୁବ୍‌ଶୀଘ୍ର ମରାମତି ନେଇ ସେ ପ୍ରତିଶ୍ରୁତି ଦେଇଥିଲେ।

### ଶିବିରରେ ୪୮ ୟୁନିଟ୍ ରକ୍ତ ସଂଗ୍ରହ

ଭଦ୍ରକ ଅଫିସ, ୨୨।୮- ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଥମେ ଜିଲା କାର୍ଯ୍ୟାଳୟରେ ସ୍ୱର୍ଗତ ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ଜିଲା କଂଗ୍ରେସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଏମପି ତଥା ପିସିସି ଉପସଭାପତି ଅନନ୍ତ ପ୍ରସାଦ ସେଠୀ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସେଠାରେ ୪୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପରେ ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ସ୍ୱର୍ଗତ ଗାନ୍ଧୀଙ୍କ ସ୍ମୃତିରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୀବନୀ, ଆଦର୍ଶ ଓ ଭାରତ ବର୍ଷକୁ ତାଙ୍କ ଅବଦାନ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ସମ୍ପାଦକ ଦେବରୂପ ମହାନ୍ତି, ଭଦ୍ରକ ଲୋକସଭା ପ୍ରାର୍ଥୀନୀ ମଧୁମିତା ସେଠୀ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତି, ଉପସଭାପତି ବିକାଶ ସାମଲ, ଦିଲୀପ ନାୟକ, ଦିଗମ୍ବର ଦାସ, ବିଦ୍ୟାଧର ଜେନା, ସୁବ୍ରତ ଦାସ, ପୂର୍ବତନ ଜିଲା ସଭାପତି ନାରୟଣ ପାଢୀ, ଜିଲା କଂଗ୍ରେସ କୃଷକ ସେଲ୍ ସଭାପତି ନରନାରାୟଣ ଜେନା, ଓବିସି ସେଲ୍ ସଭାପତି ସୀତାକାନ୍ତ ଜେନା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦ, ନଗର କଂଗ୍ରେସ ସଭାପତି ଅବଦୁଲ ମୁକିଦ ଖାଁ, ଆଶିଷ କୁମାର ରାଉତ, ଅସରଫ ଅଲ୍ଲି ଖାଁ, ଜିଲା କଂଗ୍ରେସ ସମ୍ପାଦକ ସେକ ଜଫିରୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ରକ୍ତ ଭଣ୍ଡାର ଡା. ବିମଳା ପଣ୍ଡା ରକ୍ତଦାନ ଶିବିର ପରିଚାଳନା କରିଥିଲେ।

### ଶୋକସଭାରେ ଶ୍ରଦ୍ଧାଞ୍ଜଳି

ଭଦ୍ରକ ଅଫିସ, ୨୨।୮- ଭଦ୍ରକ ଜିଲାରେ କାର୍ଯ୍ୟରତ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ନାରାୟଣ ଚନ୍ଦ୍ର ପରିଡ଼ାଙ୍କ ଅକଳା ବିୟୋଗରେ କୁଆଁସ ସ୍ଥିତ ମାତୃମଙ୍ଗଳ କେନ୍ଦ୍ର ପରିସରରେ ସୋମବାର ଶୋକସଭା ଅନୁଷ୍ଠିତ ହୋଇଥିଲା। ସେ ଦୀର୍ଘବର୍ଷ ଧରି ଭଦ୍ରକ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଚାରୁରୂପେ କାର୍ଯ୍ୟକରି ପରେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀନ ଆରଡ଼ି ସେକ୍ଟରରେ ବହୁମୁଖୀ ପରିଦର୍ଶକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟଶୈଳୀ ନେଇ ସେ ସୁପରିଚିତ ହୋଇଥିଲେ। ମାତ୍ର ୪୬ବର୍ଷ ବୟସରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୋକସଭାରେ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ସଂଘ ଓ ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ ଯୋଗ ଦେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ପ୍ରଶାନ୍ତ କୁମାର ପତି, ତାପସ କୁମାର ସାମଲ, ରମେଶ ଚନ୍ଦ୍ର ବେହେରା, ମନୋରଞ୍ଜନ ନାୟକ, ଭାସ୍କର ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋସମ୍ପଦକୁ ନେଇ ଚିନ୍ତାରେ ଚାଷୀ

ବନ୍ତ, ୨୨।୮ (ସ୍ୱ.ପ୍ର.)

- ଅଜଣା ରୋଗରେ ଗୋରୁ ଆକ୍ରାନ୍ତ
- କାଳିଆ ଯୋଜନାରେ ନିଯୁକ୍ତ ପ୍ରାଣୀ ଚିକିତ୍ସକ
- ଚିକିତ୍ସା କ୍ଷେତ୍ରରେ ସମସ୍ୟା

ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଗାଈଗୋରୁ ଏବେ ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବ୍ଲକର ବନ୍ତ, ନିଳୋକ, ରାମଚନ୍ଦ୍ରପୁର, ଆଡିଆ, ପୁରୁଷଣ୍ଡ, କାଦବରାଙ୍ଗ, ଅଣିଜୋ ସମେତ ବହୁ ପଞ୍ଚାୟତରେ ଗୋରୁଙ୍କଠାରେ ଏହି ରୋଗ ଦେଖାଯାଇଛି। ଏହା ସଂକ୍ରାମକ ଭଳି ଗୋଟିଏ ଗାଈରୁ ଅନ୍ୟକୁ ବ୍ୟାପି ଚାଲିଛି। ଗୋସମ୍ପଦକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଅନ୍ୟପକ୍ଷେ ପ୍ରାଣୀ ଚିକିତ୍ସକଙ୍କୁ କାଳିଆ ଯୋଜନାରେ ନିଯୁକ୍ତ କରାଯାଇ ଥିବାରୁ ଆକ୍ରାନ୍ତ ଗୋରୁଙ୍କ ଚିକିତ୍ସାରେ ସମସ୍ୟା ସୃଷ୍ଟି ହେଉଛି।

ଗତ କିଛିଦିନ ଧରି ଗାଈଗୋରୁଙ୍କ ଶରୀରରେ ଆବୁ ସୃଷ୍ଟି ହେଉଛି ଓ ପରେ କ୍ରମଶଃ ବୃଦ୍ଧି ପାଇ ବଡ଼ ଆକାର ଧାରଣ କରି ତାହା ଫାଟିଯାଇ କ୍ଷତରେ ପରିଣତ ହେଉଛି। ଏଥିରେ ଆକ୍ରାନ୍ତ ଗୋରୁ ଚଳପ୍ରଚଳ କରିପାରୁ ନ ଥିବା ସହ ଖାଦ୍ୟ ମଧ୍ୟ ଖାଉ ନ ଥିବା ଗୋପାଳକମାନେ ପ୍ରକାଶ କରିଛନ୍ତି। କେତେକ ବାଛୁରୀ ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ଜଣାଯାଇଛି। କେତେକ ପ୍ରାଣୀ ଚିକିତ୍ସକ କେଉଁ ରୋଗ ଜାଣିପାରୁ ନ ଥିବାବେଳେ ଅନ୍ୟ କେତେକ ଏହାକୁ ବସନ୍ତ ରୋଗର ଲକ୍ଷଣ ବୋଲି ମତ ଦେଇଛନ୍ତି। ତେବେ ବିଭାଗ ପକ୍ଷରୁ ଅଦ୍ୟାବଧି ପ୍ରତିଷେଧକ ଟୀକାର ବ୍ୟବସ୍ଥା କରାଯାଇ ନ ଥିବା ଗୋପାଳକମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବ୍ଲକରେ ମାତ୍ର ୧୦ ଜଣ ପ୍ରାଣୀ ଚିକିତ୍ସକ ନିଯୁକ୍ତ ଥିବାବେଳେ ସେମାନଙ୍କୁ କାଳିଆ ଯୋଜନାରେ ନିୟୋଜିତ କରାଯାଇଛି। ଫଳରେ ଚିକିତ୍ସା କ୍ଷେତ୍ରରେ ବାଧା ସୃଷ୍ଟି ହେଉଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚିକିତ୍ସକମାନଙ୍କୁ ତୁରନ୍ତ କାଳିଆ ଯୋଜନା ଡ୍ୟୁଟିରୁ ଅପସାରଣ କରି ଗୋ ଚିକିତ୍ସାରେ ନିୟୋଜିତ କରାଇବାକୁ ଚାଷୀ ମହଲରେ ଦାବି କରାଯାଇଛି।

# ଆଦିବାସୀ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ଭଦ୍ରକ ଅଫିସ, ୨୨।୮

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଜଣେ ଆଦିବାସୀ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଗତ ୧୬ ତାରିଖ ରାତିରେ ଘଟଣା ଘଟିଥିବା ବେଳେ ୧୮ ତାରିଖ ବିଳମ୍ବିତ ରାତିରେ ଥାନାରେ ଅଭିଯୋଗ କରାଯାଇଛି। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୪୩୯/୧୯) ରୁଜୁ ହୋଇଛି। ପୀଡ଼ିତା ଯୁବତୀଙ୍କ ଡାକ୍ତରୀ ମାଇନା କରାଯାଇଥିବା ବେଳେ ଡିଏସ୍‌ପି ଅମରେଶ ପାଣିଗ୍ରାହୀ ଘଟଣାର ତଦନ୍ତ କରୁଛନ୍ତି। ଅଭିଯୁକ୍ତ ଯୁବକ ଫେରାର ଅଛନ୍ତି। ତାଙ୍କ ଫୋନ ଟ୍ରାକିଂ କରାଯାଇ ତାଙ୍କୁ ଗିରଫ କରିବା ପାଇଁ ପୋଲିସ ଉଦ୍ୟମ କରୁଛି।

ପୀଡ଼ିତା ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି ଯେ, ସେ ଏହି ଅଞ୍ଚଳରେ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଘରେ ରହି କାମ କରିଆସୁଥିଲେ। ନିକଟରେ ଥିବା ବଜାରକୁ ଯାଇ ଜଣେ ଦୋକାନୀଙ୍କ ସହ ସେ ପରିଚିତ ହୋଇଥିଲେ। ସେଠାରେ ସେ ମୋବାଇଲରେ ରିଚାର୍ଜ କରୁଥିଲେ। ଉକ୍ତ ଯୁବକ ଜଣଙ୍କ ୧୬ ତାରିଖ ରାତିରେ ଘରର ଦକ୍ଷିଣଦ୍ୱାର ଦେଇ ସେ ଶୋଇଥିବା ଉପରମହଲାକୁ ପଶି ବଳାତ୍କାର କରିଥିଲେ। ସେହି ରାତିରେ ଘରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅନୁପସ୍ଥିତ ଥିବାବେଳେ ତାଙ୍କ ସ୍ତ୍ରୀ ଏ ସମ୍ପର୍କରେ ଘଟଣା ପରଦିନ ଜାଣିବାକୁ ପାଇଥିଲେ। ସେ ଯୁବତୀଙ୍କୁ ନେଇ ଥାନାରେ ଏତଲା ଦେବାକୁ ଯାଇଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ଯଶିପୁର,୨୨।୮(ଡି.ଏନ୍.ଏ.):

ଯଶିପୁର ବ୍ଲକର ସମସ୍ତ ଉଚ୍ଚବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଏବଂ ଦୁଇଟି କେଲଜର ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ଫୁଟବଲ୍, ଖୋ-ଖୋ ଓ କବାଡ଼ି କ୍ରୀଡ଼ା ପ୍ରତିଯୋଗିତା ବେଗୁନିଆ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯଶିପୁର ବ୍ଲକ ଶିକ୍ଷାଧିକାରୀ ସୁଶାନ୍ତ କୁମାର ଗିରି ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶୁକୃଳି ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନରେନ୍ଦ୍ର ନାଥ ସେଠୀ, ଯଶୀପୁର ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସେଠୀ, ବେଗୁନିଆ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୈଳ କୁମାର ବାରିକ, ମଦରଙ୍ଗାଯୋଡ଼ି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତ, ବକଳା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାନ୍ତ, ଚାକିଡ଼ି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକୁମାର ମହାନ୍ତ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ରଜତ କୁମାର ମହାନ୍ତ, ସୌଭାଗ୍ୟ କୁମାର ବାଗେଲ ବାବୁ, ସୁଶାନ୍ତ କୁମାର ମହାନ୍ତ, ଜୟ ପ୍ରକାଶ ରାଉତ, ବିଭୂତି ଭୂଷଣ ମହାନ୍ତ, ସଂଗ୍ରାମ କେଶରୀ ଜେନା, ଜୟକୃଷ୍ଣ ମହାନ୍ତ, ଲଳିତ କୁମାର ମହାନ୍ତ ବୁଧୁରାମ ମହାନ୍ତ, ଦମୟନ୍ତି ମହାନ୍ତ, ତାପସ କୁମାର ମହାନ୍ତ, ମନୋଜ ଟୁଡୁ, ଗୌରୀ ମହାନ୍ତ, ଲଳିତା ମହାନ୍ତ, ମଞ୍ଜୁଳା ମହାନ୍ତ, ଶକୁନ୍ତଳା ମହାନ୍ତ, ଦିଲୀପ କୁମାର କୁଣ୍ଟୁ ଖେଳ ପରିଚାଳନା କରିଥିଲେ। ବ୍ଲକର ନୋଡାଲ ଖେଳ ଶିକ୍ଷକ କେଦାର ମହାନ୍ତ ଖେଳ ପର୍ଯ୍ୟବେକ୍ଷଣ କରିଥିଲେ। ମଞ୍ଚ ପରିଚାଳନା ଦାୟିତ୍ୱରେ ବିଭୂତି ମହାନ୍ତ, ଜୟପ୍ରକାଶ ରାଉତ, କେଦାର ମହାନ୍ତ ଏବଂ ପ୍ରଫୁଲ୍ଲ ମହାନ୍ତ ଥିଲେ।

### ଗଡ଼ିଆରେ ବୁଡି ମହିଳାଙ୍କ ମୃତ୍ୟୁ

କୁଳିଅଣା, ୨୨।୮(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ବୈଦପୁର ଗ୍ରାମର ଜଣେ ମହିଳା ଗୁରୁବାର ଗଡ଼ିଆରେ ବୁଡି ପ୍ରାଣ ହରାଇଛନ୍ତି। ମୃତ ମହିଳା ଜଣକ ହେଲେ ବିନିତା ଦେହୁରୀ(୬୦)। ସନ୍ଧ୍ୟାରେ ସେ ଶୌଚ ପାଇଁ ଗଡିଆକୁ ଯାଇଥିବା ବେଳେ ଗୋଡ ଖସି ଯିବାରୁ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୫/୧୯) ରୁଜୁ ହୋଇଛି।

### ଟ୍ରାକ୍ଟର ଓଲଟି ଚାଳକ ମୃତ

ରାଇରଙ୍ଗପୁର, ୨୨।୮(ଡି.ଏନ୍.ଏ.): ଗୋରୁମହିଷାଣି ଥାନା ଅନ୍ତର୍ଗତ ସୁଦର୍ଶନପୁର -ଗାରଚାଗୋଡା ରାସ୍ତାରେ ଗୁରୁବାର ଏକ ଟ୍ରାକ୍ଟର ଓଲଟି ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସୁଦର୍ଶନପୁର ରାଖାସାହି ବସ୍ତିର ନରସିଂହ ମହାକୁଡ। ଏହି ଦୁର୍ଘଟଣାରେ ଟ୍ରାକ୍ଟରରେ ଥିବା ଜଣେ ଶ୍ରମିକ ଭୀମ ମାଝୀ ଗୁରୁତର ଆହତ ହୋଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି

ଭଣ୍ଡାରିପୋଖରୀ, ୨୨।୮ (ଡି.ଏନ.ଏ.)- ଭଣ୍ଡାରିପୋଖରୀ ଥାନା ଅଧୀନ ସରସଦାଠାରେ ଥିବା ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି ହୋଇଥିବା ଅଭିଯୋଗ ହୋଇଛି। ରାତ୍ରଜଗୁଆଳି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବୁଧବାର ରାତିରେ ଟାୱାରରେ ଲାଗିଥିବା ସମସ୍ତ ବ୍ୟାଟେରିକୁ ଚୋରି କରି ନେଇଛନ୍ତି। ଏ ନେଇ ଟେକ୍ନିସିଆନ ଦୀପକ ନାୟକ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୨୮/୧୯) ରୁଜୁ କରିଛି। ପୋଲିସର ରାତ୍ରିକାଳୀନ ପାଟ୍ରୋଲିଂ କମି ଯାଉଥିବାରୁ ଏହି ବ୍ଲକ ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି।

# ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ

ବନ୍ତ, ୨୨।୮ (ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତ ଜିରିଣା-ଆଡ଼ିଆ ଓ ଆଡ଼ିଆ-ବାହାଦଲପୁର-ନଳିତାଗଡିଆ ରାସ୍ତା ନିର୍ମାଣରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରାଯାଇଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ୩ ଗ୍ରାମର ଅଧିକାଂଶ ଲୋକଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ବେଳେ ଭୁବନେଶ୍ୱର ଅମ୍ବୁଡ୍‌ସମ୍ୟାନ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଡାକ ଯୋଗେ ପଠାଯାଇଛି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ୨୦୧୯-୨୦ ଆର୍ଥିକ ବର୍ଷରେ ସ୍ପେଶାଲ ଫଣ୍ଡରେ ୨ ଲକ୍ଷ ୫୦ହଜାର ଟଙ୍କା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୯ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ପଞ୍ଚାୟତ ସମିତି କାର୍ଯ୍ୟାଦେଶରେ ଉକ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର କେତେ ଟ୍ରିପ୍ ମୋରମ ଓ ପୁରୁଣା ହ୍ୟୁମପାଇପ୍ ପକାଇ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ବିଲ୍ ପାସ୍ ଲାଗି ଉଦ୍ୟମ କରାଯାଉଛି। ଜନୈକ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ସଲାସୁତରାରେ ଏପରି ଉଦ୍ୟମ କରାଯାଇଥିବା ଉଲ୍ଲେଖ ରହିଛି। ଜିରିଣା, ବାହାଦଲପୁର ଓ ନଳିତା ଗଡିଆ ଗ୍ରାମର ଲୋକେ ପଞ୍ଚାୟତ ସଦରମହକୁମା ଓ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତା ନିର୍ମାଣ ନିମ୍ନମାନର ହୋଇଥିବାରୁ ବର୍ଷାଦିନେ ଯାତାୟାତ କରିବାରେ ସେମାନେ ବହୁ ଅସୁବିଧା ଭୋଗୁଥିବା ପ୍ରକାଶ କରିଛନ୍ତି।

# ଲକ୍ଷ୍ୟଠାରୁ ଦୂରରେ ପଞ୍ଚାୟତ ଶିକ୍ଷା ଷ୍ଟାଣ୍ଡିଂ କମିଟି

ବନ୍ତ,୨୨।୮(ଡି.ଏନ୍.ଏ.)

ରାଜ୍ୟ ସରକାର ପ୍ରତି ବିଦ୍ୟାଳୟର ଶୈକ୍ଷିକ, ମଧ୍ୟାହ୍ନଭୋଜନ, ସ୍ୱାସ୍ଥ୍ୟ ପରିମଳ, ପୋଷାକ ବିତରଣ, କ୍ରୀଡା ଓ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପ୍ରତି ପଞ୍ଚାୟତରେ ଶିକ୍ଷା ଷ୍ଟାଣ୍ଡିଂ କମିଟି ଗଠନ କରିଛନ୍ତି। ଏହି କମିଟି ବିଦ୍ୟାଳୟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ତଦାରଖ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସକାଶେ ଲକ୍ଷ୍ୟ ରଖାଯାଇଛି। ମାତ୍ର କେତେକ ସ୍ଥାନରେ ଏହି କମିଟି ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଅଭିଭାବକମାନେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରବି ନାରାୟଣ ପରିଡାଙ୍କୁ ପଚାରିବାରୁ ପଞ୍ଚାୟତ ସମିତି ବୈଠକରେ ସମସ୍ତ ଜନପ୍ରତିନିଧିଙ୍କୁ ଏ ସମ୍ପର୍କରେ ଅବଗତ କରାଯିବ ବୋଲି କହିଛନ୍ତି। ଉଲ୍ଲେଖନୀୟ ଯେ, ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଚିଠି (ନଂ.୧୭୨୯୧/ତା।୧୧।୮।୧୪ ରିଖ)ରେ ସମସ୍ତ ଜିଲାପାଳଙ୍କୁ ଅବଗତ କରାଇଥିଲା। ସେହି ଅନୁସାରେ ପ୍ରତ୍ୟେକ ପଞ୍ଚାୟତରେ ଶିକ୍ଷା ଷ୍ଟାଣ୍ଡିଂ କମିଟି ଗଠନ ସାଙ୍ଗକୁ ସମସ୍ତ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ କରାଯାଇଛି। ପଞ୍ଚାୟତ ଷ୍ଟାଣ୍ଡିଂ କମିଟିରେ ସରପଞ୍ଚ ଅଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ ଆବାହକ ଓ ସିଆର୍‌ସିସି, ୱାର୍ଡ ସଭ୍ୟ, ଶିକ୍ଷାବିତ୍‌ମାନେ ସଦସ୍ୟ ରହିଛନ୍ତି। ଭଦ୍ରକ ଜିଲା ବନ୍ତ ବ୍ଲକର ୨୫ ପଞ୍ଚାୟତରେ ଏହଭଳି ଷ୍ଟାଣ୍ଡିଂ କମିଟି ଗଠନ କରାଯାଇଛି। ଏହି କମିଟି କେବଳ ପିଟିଏ ଓ ଏସ୍‌ଏମ୍‌ସି ଗଠନ ବେଳେ ତତ୍ପରତା ପ୍ରକାଶ କରୁଥିବା ବେଳେ ଅନ୍ୟ ସମୟରେ କୌଣସି କାର୍ଯ୍ୟ କରୁ ନ ଥିବା ଅଭିଭାବକମାନେ ଦର୍ଶାଇଛନ୍ତି। ଏପରିକି କେତେକ କର୍ମକର୍ତ୍ତାଙ୍କ ଅନୁପସ୍ଥିତ ଯୋଗୁ କମିଟି ବୈଠକ ବସି ପାରୁ ନ ଥିବା ଅଭିଯୋଗ ହେଉଛି।

# ରୋଗୀ କଲ୍ୟାଣ ପରିଚାଳନା ସମିତିର ବୈଠକ



ବୈଠକରେ ଉପସ୍ଥିତ ବିଧାୟକ ଓ ରୋଗୀ କଲ୍ୟାଣ ସମିତିର ସଦସ୍ୟ।

କୋଷ୍ଟା ,୨୨।୮(ଡି.ଏନ୍.ଏ.)

କୋଷ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋରଡା ବିଧାୟକ ରାଜକିଶୋର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶୂଳିଆପଦା ବ୍ଲକ ଅଧ୍ୟକ୍ଷ ଠୁମ୍ପୁ ହେମ୍ବ୍ରମ୍, ବିଡିଓ ପରିକ୍ଷୀତ ଜେନା, ୫୩ ନଂ ଜିଲା ପରିଷଦ ସଦସ୍ୟ ସୁଧୀର କୁମାର ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ଡା. ସିଦ୍ଧାନ୍ତ ହେମ୍ବ୍ରମ୍, ଡା.ଏସ.ପି.ଜେନା, ଆରଡବ୍ଲୁଏସ୍‌ଏସ୍ ଓ ଆର.ଡି. ବିଭାଗ ଜେ.ଇ ଏବଂ ଏନଆରଏଚଏମ୍ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବି.ପି.ଏମ୍. ସୁଜାତା ଦାସ ବୈଠକ ପରିଚାଳନା କରିବା ସହିତ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ବିଧାୟକ ଦାସ ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଚିକିତ୍ସିତ ହେଉଥିବା ରୋଗୀଙ୍କୁ ନିରାମୟ ଯୋଜନାରେ ଔଷଧ ମିଳୁଛି କି ନାହିଁ ବୋଲି ପଚାରି ବୁଝିଥିଲେ। ଶୌଚାଳୟ, ଡ୍ରେନେଜ ସମସ୍ୟା, ପରିମଳ ବ୍ୟବସ୍ଥା, ରୋଷେଇ ଗୃହ ସହିତ ବିଭିନ୍ନ ଅସୁବିଧା ସମ୍ବନ୍ଧରେ ଅବଗତ ହୋଇ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ଆଦର୍ଶ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ବିଧାୟକ ବିଭିନ୍ନ ପରାମର୍ଶ ଦେଇଥିଲେ।

# ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

ଭଣ୍ଡାରିପୋଖରୀ,୨୨।୮( ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ନାଅାଁମୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁବାର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର ଚରିତ୍ର, ଆଚରଣ ଓ ବ୍ୟବହାରର ସୁଗଠନରେ ଜଣେ ଜଣେ ଉତ୍ତମ ନାଗରିକ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ମୁଖ୍ୟ ଅଶୋକ ଦାସ ଶିକ୍ଷାର ମୂଲ୍ୟ, ଶୃଙ୍ଖଳା ଜ୍ଞାନ ଆହରଣ କରି ସର୍ବୋତ୍ତମ ଛାତ୍ରୀଛାତ୍ର ହେବାକୁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ଶଶଧର ସାହୁ, ବିନାୟକ ଘୋଷ, ବିଭୁକଲ୍ୟାଣୀ ବାରିକ, ଦଶରଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଅଶୋକ ଦାସ ଅତିଥି ପରିଚୟ ପ୍ରଦାନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଛାତ୍ରୀ ଅଞ୍ଜଳି ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଶିକ୍ଷୟିତ୍ରୀ ଜାତୀୟସ୍ତରରେ ସମ୍ମାନିତ

କୁଆମରା,୨୨।୮(ଡି.ଏନ୍.ଏ.)

ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ରଜତ ଜୟନ୍ତୀ ଅବସରରେ ଦିଲ୍ଲୀଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶାର ଏକମାତ୍ର ଶିକ୍ଷୟିତ୍ରୀ ଭାବେ ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତ ଅନ୍ତର୍ଗତ ପରିଛିପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସରିତା ସିଂଙ୍କୁ ସମ୍ମାନିତ କରାଯାଇଛି। ଶ୍ରୀଅରବିନ୍ଦ ସୋସାଇଟି ଦିଲ୍ଲୀ ତରଫରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଯୋଗଦେଇ ସରିତାଙ୍କୁ ସମ୍ମାନିତ କରିବା ସହ ମାନପତ୍ର ପ୍ରଦାନ କରିଥିଲେ। ଏହି ସମ୍ମାନ ପାଇ ସେ ରାଜ୍ୟ ଓ ମୟୂରଭଞ୍ଜ ଜିଲାର ଗୌରବ ବୃଦ୍ଧି କରିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ରାଜେଶ କୁମାର ପ୍ରଧାନ ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜାତୀୟସ୍ତରରେ ସମ୍ମାନିତ ହେବା ପରେ ତାଙ୍କ ମନୋବଳ ଓ ଉତ୍ସାହ ବୃଦ୍ଧି ପାଇଥିବା ସରିତା ପ୍ରକାଶ କରିଛନ୍ତି।

# ନୁଦଡ଼ିହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନମେଳା

କପ୍ତିପଦା,୨୨।୮(ଡି.ଏନ.ଏ)

କପ୍ତିପଦା ବ୍ଲକ୍ ଅଧୀନ ନୁଦଡିହା ଶାସ୍ତ୍ରୀନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଲାଲବାହାଦୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଇନ୍ଦିରା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତନୁ କୁମାର ବିନ୍ଧାଣି ଏହି ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ସମ୍ପାଦକ ଗୌରଚନ୍ଦ୍ର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ କୁମାର ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ମନ୍ଦିରର ସଭାପତି ଲଛମନ ମହାନ୍ତି, ପରିଚାଳନା ସମିତିର ସଭ୍ୟାସଭ୍ୟ, ଗୁରୁମାଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ମେଳାରେ ଶିଶୁ ବର୍ଗରୁ ୪୨ ଓ ବାଲ୍ ବର୍ଗରୁ ୪୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।



ଜଣେ ଛାତ୍ର ନିଜ ପ୍ରକଳ୍ପକୁ ପ୍ରଦର୍ଶିତ କରୁଛନ୍ତି।

# ଉଦଳା ମହାବିଦ୍ୟାଳୟ ଇଂଲିଶ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ଉଦଳା,୨୨।୮(ଡି.ଏନ୍.ଏ.)

ଉଦଳା କଲେଜ ଇଂଲିଶ ବିଭାଗରେ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଉଦଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଯତୀନ କୁମାର ମହାକୁଡ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ କିଭଳି ଭାବେ ନିଜର ଅଧ୍ୟବସାୟ ଜାରି ରଖି ବିଭାଗ ସମେତ କଲେଜ ପାଇଁ ଖ୍ୟାତି ଅର୍ଜନ କରିବେ ସେ ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ରେହେନା ସୁଲତାନ୍, ମଧୁସ୍ମିତା ସିଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ର ମନୋରଞ୍ଜନ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଓ ଛାତ୍ରୀଛାତ୍ର।

# ଖାଲିପଡ଼ିଛି ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ଅଧିକାରୀ ପଦବୀ



ମୁର୍ଗାବାଡିସ୍ଥିତ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ।

- ପଡ଼ି ରହିଛି କିସମ ପରିବର୍ତ୍ତନ ଓ ଗୃହ ନିର୍ମାଣ ନକ୍ସା ଅନୁମୋଦନ ଫାଇଲ
- କର୍ମଚାରୀମାନେ ପାଉନାହାନ୍ତି ଦରମା

ବାରିପଦା ଅଫିସ,୨୨।୮

କୌଣସି ସହରକୁ ଯୋଜନା ଅନୁସାରେ ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ଗଠନ କରିଥିବା ବେଳେ ଏହା ସହିତ ସହର ଯୋଜନା କାର୍ଯ୍ୟାଳୟ ଗୁଡିକ ପରିଚାଳିତ ହେଉଛି। ସମଗ୍ର ରାଜ୍ୟରେ ବାରିପଦା ସହର ସର୍ବପୁରାତନ ସହର ଭାବେ ବିବେଚିତ ହେଉଥିବା ବେଳେ ଏହାକୁ ବିକାଶମୁଖୀ ସହର ଭାବେ ବିବେଚନା କରାଯାଉଛି। ପୂର୍ବାପେକ୍ଷା ଏବେ ଛୋଟ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଓ ଗୃହ ନିର୍ମାଣ କ୍ଷେତ୍ରରେ ସହର ବଢ଼ି ଚାଲିଛି। ଏଣୁ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଏଠାରେ ଗୁରୁତ୍ୱପୂର୍ଣ୍ଣ। ଏଠାରେ ଜମିର କିସମ ପରିବର୍ତ୍ତନ ଓ ଗୃହ ନିର୍ମାଣ ପାଇଁ ଆବଶ୍ୟକ ନକ୍ସାର ଅନୁମୋଦନ କାର୍ଯ୍ୟ ହୋଇଥାଏ। ହେଲେ ବାରିପଦା ମୁର୍ଗାବାଡି ଗୋଲେଇ ନିକଟସ୍ଥ ଏହି କାର୍ଯ୍ୟାଳୟରେ ଅଧିକାରୀ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ଅଧିକାରୀ ଭାବେ ଏଠାରେ କାର୍ଯ୍ୟ କରୁଥିବା ବିଜୟ କୁମାର ଭୂୟାଁ ଗତ ଜୁନ ୩୦ରେ ଅବସର ଗ୍ରହଣ କରିଥିଲେ। ସେବେଠାରୁ ଏହି ପଦବୀ ଖାଲି ପଡ଼ିଛି। ମାତ୍ର ଏହି ପଦବୀ ପୂରଣ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି। ସୂଚନା ମୁତାବକ ବର୍ତ୍ତମାନ ପର୍ଯ୍ୟନ୍ତ ଜମିର କିସମ ପରିବର୍ତ୍ତନ ପାଇଁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଆବେଦନ ଓ ଗୃହ ନିର୍ମାଣ ପାଇଁ ଆବଶ୍ୟକ ନକସା ଅନୁମୋଦନ ଲାଗି ୫୦ରୁ ଊର୍ଦ୍ଧ୍ୱ ଆବେଦନ ପଡ଼ିରହିଛି। ପ୍ରତିଦିନ ଲୋକେ ଏଠାକୁ ଆସି ନିରାଶରେ ଫେରିଯାଉଛନ୍ତି। କେବଳ ବାରିପଦା ନୁହେଁ ଏହି ଅଧିକାରୀଙ୍କ ଅଧୀନରେ ରାଇରଙ୍ଗପୁର, ଉଦଳା ଓ କରଞ୍ଜିଆ ସହର ଥିବାରୁ ସେଠାକାର ଲୋକେ ମଧ୍ୟ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଅଧିକାରୀ ନ ଥିବାରୁ ମଧ୍ୟ ଦରମା ପାଉନାହାନ୍ତି। ଏଥିନେଇ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଚାଷ ଜମିକୁ କିସମ ପରିବର୍ତ୍ତନ କରି ଘରବାରି ଜମି କରିବା ସହିତ ଗୃହ ନିର୍ମାଣ ପାଇଁ ଯୋଜନା କରି ଏଠାରେ ଆବେଦନ କରିଥିବା ବିକାଶ ବେହେରା କୁହନ୍ତି, ଦୀର୍ଘ ଦିନ ହେବ ସେ ଏହି କାର୍ଯ୍ୟାଳୟକୁ ଆସି ଅଧିକାରୀ ନ ଥିବାରୁ ନିରାଶ ହୋଇ ଫେରିଯାଉଛନ୍ତି। ତାଙ୍କର କାମ ହେଉ ନ ଥିବାରୁ ସେ ଘର ନିର୍ମାଣ କରିପାରୁ ନାହାନ୍ତି ବୋଲି ମଧ୍ୟ କହିଛନ୍ତି। ସେହିପରି ଗୃହ ନିର୍ମାଣ ନକସା ଅନୁମୋଦନ ପାଇଁ ଆବେଦନ କରିଥିବା ରାଜେଶ ନାୟକ କୁହନ୍ତି ଏଠାରେ ଅଧିକାରୀ ନ ଥିବା ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଅବଗତ ଅଛନ୍ତି। ହେଲେ କୌଣସି ପଦକ୍ଷେପ ନ ନେବା ନିହାତି ଦୁଃଖର ବିଷୟ। ତୁରନ୍ତ ଅଧିକାରୀ ନିଯୁକ୍ତି କରି ଲୋକଙ୍କୁ ସେବା ଯୋଗାଇ ଦେବା ପାଇଁ ସରକାର ପଦକ୍ଷେପ ନ ନେଲେ ଆବେଦନକାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ସେ କହିଛନ୍ତି। ସେହିପରି ଗତ ଅଗଷ୍ଟ ୧୫ରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ବାରିପଦା ଗସ୍ତରେ ଆସିଥିଲେ। ସ୍ଥାନୀୟ କିଛି ସାମାଜିକ କର୍ମୀ ତାଙ୍କୁ ସାକ୍ଷାତ କରି ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ହେଲେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ନେଇ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

## ସଂକ୍ଷେପରେ

### ବସ୍-ଟ୍ରକ ଧକ୍କା, ୪ ଗୁରୁତର

ରାଇରଙ୍ଗପୁର,୨୨।୮(ଡି.ଏନ୍.ଏ.): ବାଦାମପାହାଡ ଥାନା ଅନ୍ତର୍ଗତ ଜଲଡୁଙ୍ଗୁରୀ ନିକଟସ୍ଥ ମାଛକନ୍ଦଣା ଘାଟୀ ତଳ ପାର୍ଶ୍ୱ ୨୨୦ନଂ ଜାତୀୟ ରାଜପଥରେ ଗୁରବାର ସନ୍ଧ୍ୟାରେ ବସ ଓ ଲୁହାପଥର ବୋଝେଇ ଟ୍ରକ ମଧ୍ୟରେ ଦୁର୍ଘଟଣା ଘଟି ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ରାଇରଙ୍ଗପୁର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ବସଟି କେନ୍ଦୁଝର ଜିଲା ଘଟଗାଁରୁ ତିରିଙ୍ଗ ଅଭିମୁଖେ ଯାଉଥିଲା। ଦୁର୍ଘଟଣାସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ହୋଇଥିବା ବେଳେ ପୋଲିସ ଟ୍ରକ ଟିକୁ ଜବତ କରିଛି। ଏଥିନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ବୃତ୍ତି ପରୀକ୍ଷା ଦେଲେ ୩୧୦ ଛାତ୍ରୀଛାତ୍ର

କୁଆମରା,୨୨।୮(ଡି.ଏନ୍.ଏ)- ଗୋପବନ୍ଧୁ ନଗର ବ୍ଲକରେ ଚଳିତ ବର୍ଷ ୫ମ ଓ ୩ୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଳିଆପଦା, ପୁରୁଣା ବାରିପଦା ଓ ଖୁଣ୍ଟା ଆଦି ୩ଟି କେନ୍ଦ୍ରରେ ମୋଟ ୩୧୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୩ୟ ଶ୍ରେଣୀର ୧୬୩ ଓ ୫ମର ୧୪୭ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ବ୍ଲକ ଶିକ୍ଷା ଅଧିକାରୀ ରାଜେଶ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏବିଇଓ କୁଳମଣି ନାୟକ, ବିନୋଦ ବିହାରୀ ଜେନା ଓ ମନୋରଞ୍ଜନ ବେହେରା ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିଲେ। ସମସ୍ତ ସିଆରସିସି ଓ ଶିକ୍ଷକମାନେ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

### ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଚାରାରୋପଣ

କୁଆମରା,୨୨।୮(ଡି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ପଞ୍ଚାୟତର ନୂଆସାହି ଗ୍ରାମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଚାରାରୋପଣ ସହ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଆରଶୁଣି, ମା' ତାରିଣୀ, ମା' ଗାୟତ୍ରୀ ଓ ସିନ୍ଦୂର ଗୌରା ସ୍ୱୟଂସହାୟିକା ଗୋଷ୍ଠୀର ମୋଟ ୪୪ ଜଣ ମହିଳା ଯୋଗଦେଇ ସ୍ଥାନୀୟ ଫୁଟବଲ ପଡ଼ିଆରେ ଆମ୍ବ, ନିମ୍ବ, କରଞ୍ଜ ପ୍ରଭୃତି ଚାରାରୋପଣ କରିଥିଲେ। ପରେ ପୀତାମ୍ବର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲମ୍ବୋଦର ସିଂ, କମଳାକାନ୍ତ ସିଂ ଯୋଗଦେଇ ଚାରାରୋପଣ ଓ ପରିବେଶ ସୁରକ୍ଷା ଉପରେ ସଚେତନତା କରାଇଥିଲେ। ମହିଳାମାନଙ୍କ ଦ୍ୱାରା ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିଥିଲା।

### ଜ୍ଞାନବିଜ୍ଞାନ ମେଳାରେ ୭୨ ପ୍ରକଳ୍ପ

କପ୍ତିପଦା,୨୨।୮(ଡି.ଏନ.ଏ)-

କପ୍ତିପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦ୍ୱାଦଶ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଶତ୍ରୁଘ୍ନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ କପ୍ତିପଦା ମହାବିଦ୍ୟାଳୟ ଗଣିତ ବିଭାଗର ଅଧାପିକା ଅବନ୍ତୀ ଷଡ଼ଙ୍ଗୀ, ମୁଖ୍ୟ ବକ୍ତାଭାବେ ରସାୟନ ବିଜ୍ଞାନ ବିଭାଗର ଅଧାପକ ମାନସ ପୁହାଣ, ସମ୍ମାନିତ ଅତିଥିଭାବେ କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଶ୍ୱିନୀ ପରିଡ଼ା ପ୍ରମୁଖ ଯୋଗଦେଇ ବିଜ୍ଞାନମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣ ସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଜ୍ଞାନ ପ୍ରମୁଖ ମୁକ୍ତାମାଳା ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବାସୁଦେବ ମହଲା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ବିଭିନ୍ନ ବିଭାଗର ୭୨ଟି ପ୍ରକଳ୍ପ, ଗଣିତ, ବିଜ୍ଞାନ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ପତ୍ର ବାଚନ ଏବଂ ନିବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ ହୋଇଥିବା ଶିଶୁମାନେ ଆଗାମୀ ସଂକୁଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ପ୍ରଧାନ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। କପ୍ତିପଦା ଅଞ୍ଚଳରୁ ବିଭିନ୍ନ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟରୁ ୬ଜଣ ବିଜ୍ଞାନ ଅଧାପିକା, ଅଧାପକ ଓ ଶିକ୍ଷୟିତ୍ରୀଶିକ୍ଷକ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ଏଥିରେ ସହଯୋଗ କରିଥିଲେ।

## ଆତ୍ମବିଶ୍ୱାସ ଅଭିବୃଦ୍ଧି ଶୀର୍ଷକ ଆଲୋଚନାଚକ୍ର

## 'ଛାତ୍ରୀଛାତ୍ର ନିଜ ସାମର୍ଥ୍ୟକୁ ଆକଳନ କରିବା ଉଚିତ'

ଉଦଳା,୨୨।୮(ଡି.ଏନ୍.ଏ)- କୋମଳମତି କିଶୋରମାନଙ୍କ ମନରୁ ଭୟ, ହୀନମନ୍ୟତା, ଲଜ୍ଜା ଦୂର କରିବା ଏବଂ ସେମାନଙ୍କର ମନୋବଳକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ସୋମବାର ଦିନ ଉଦଳା ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ ଆତ୍ମ ଅଭିବୃଦ୍ଧି ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନଶିକ୍ଷକ ଗୌତମ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଶିକ୍ଷକ ରଘୁନାଥ ମନ୍ତ୍ରୀ, ମୃତ୍ୟୁଞ୍ଜୟ ମହାନ୍ତି, ସମରଜିତ୍ ମହାପାତ୍ର, ନିବେଦିତା ଘୋଷ ଏବଂ ବିଦ୍ୟାଳୟର ନୂତନ ଭାବେ ଯୋଗ ଦେଇଥିବା ସଂସ୍କୃତ ଶିକ୍ଷୟିତ୍ରୀ ସୁଚିସ୍ମିତା ଯୋଗଦେଇଥିଲେ। ଛାତ୍ରୀଛାତ୍ର ନିଜର ସାମର୍ଥ୍ୟକୁ ସଠିକ୍ ଆକଳନ କରିବା, ଖେଳୁଆଡ ମନୋଭାବ ନେଇ ଆଗକୁ ଆଗେଇବା, ଭୟ, ଶଙ୍କା ଏବଂ ଲଜ୍ଜା ପରିହାର କରିବା ସମ୍ପର୍କରେ ବକ୍ତାମାନେ ପରାମର୍ଶ ଦେଇଥିଲେ। ଶିକ୍ଷକ ଶ୍ରୀହରି ମନ୍ତ୍ରୀ, ସିଲୁ ମାଝୀ, ରୀତାରାଣୀ ସେନ୍, କମଳା ମୁଦୁଲି, ନାରାୟଣ ହାତୀଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବସ୍‌ରେ ଯାତ୍ରା କରି ଚର୍ଚ୍ଚାରେ ମୟୂରଭଞ୍ଜ ଏମ୍‌ପି


ବସ୍ ଯାତ୍ରା ବେଳେ ଜଣେ ଯୁବକଙ୍କ ସହିତ ଏମ୍‌ପି (ଡାହାଣ)।

ବାରିପଦା ଅଫିସ,୨୨।୮

ସାଧାରଣ ଯାତ୍ରୀଙ୍କ ଭଳି ମୟୂରଭଞ୍ଜ ଏମ୍‌ପି ଇଂ.ବିଶେଶ୍ୱର ଟୁଡୁ ବସ୍‌ରେ ଯାତ୍ରା କରିବା ଚର୍ଚ୍ଚାର ବିଷୟ ହୋଇଛି। ବୁଧବାର ରାତିରେ ସେ ଭୁବନେଶ୍ୱର ଯିବା ପାଇଁ ବାରିପଦା ବସଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିଲେ। ଏତିକି ବେଳେ କିଛି ଯୁବକ ତାଙ୍କୁ ଚିହ୍ନି କଥା ହେବା ସହ ସେଲଫି ଉଠାଇଥିଲେ। ଏମ୍‌ପି ଟୁଡୁ ଦିଲ୍ଲୀ ଯିବା କାର୍ଯ୍ୟକ୍ରମ ଥିବା ବେଳେ ବସ୍‌ରେ ଭୁବନେଶ୍ୱର ଓ ସେଠାରୁ ବିମାନରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ତେବେ ଜଣେ ଏମ୍‌ପି ସାଧାରଣ ଯାତ୍ରୀ ଭାବେ ବସରେ ଯାତ୍ରା କରିବା ନିହାତି ଭାବେ ଆଶ୍ଚର୍ଯ୍ୟର କଥା ବୋଲି ବସ୍‌ର ଯାତ୍ରୀମାନେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଏମ୍‌ପି ଟୁଡୁ କୁହନ୍ତି, ବସ୍‌ରେ ଯାତ୍ରା କରିବା ସମୟରେ ସାଧାରଣ ଲୋକଙ୍କ ସହିତ ମିଶିବା ଓ ସେମାନଙ୍କ ସହିତ ଆଲୋଚନା କରି ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇପାରୁଛି। ଏଣୁ ସାଧାରଣ ଲୋକ ଭାବେ ବସ୍‌ରେ ଯାତ୍ରା କରିବାକୁ ମୋତେ ଭଲ ଲାଗେ। ପ୍ରତି ଥର ଦିଲ୍ଲୀ ଯିବା ବେଳେ ବସ୍‌ରେ ଭୁବନେଶ୍ୱର ପର୍ଯ୍ୟନ୍ତ ଯାଇଥାଏ ଓ ଫେରିବା ବେଳେ ମଧ୍ୟ ବସରେ ଭୁବନେଶ୍ୱରରୁ ବାରିପଦା ଆସିଥାଏ ବୋଲି ସେ କହିଛନ୍ତି।

## ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଙ୍ଗିରିପୋଷି,୨୨।୮(ଡି.ଏନ୍.ଏ.):

ବାଙ୍ଗିରିପୋଷି ଅନ୍ତର୍ଗତ ଲକ୍ଷ୍ମୀକାନ୍ତ କଲେଜରେ ଗୁରୁବାର +୨ ପ୍ରଥମ ବର୍ଷକଳା ଓ ବିଜ୍ଞାନ ଓ +୩ ୧ମ ବର୍ଷ ଛାତ୍ରୀଛାତ୍ରମାନଙ୍କ ଲାଗି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ରଙ୍କ ଅଧ୍ୟକ୍ଷତା ଓ କର୍ମଚାରୀ ପରିଷଦର ସମ୍ପାଦକ ଅଧ୍ୟାପକ ଡ.ବୀରେନ୍ଦ୍ର ନାଥ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟାନ୍ୟ ଅତିଥି ଭାବେ ଇତିହାସ ବିଭାଗର ମୁଖ୍ୟ ପବିତ୍ରମୋହନ ଦାଶ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଅଶୋକ କୁମାର ମହାପାତ୍ର, ଛାତ୍ର ସଂସଦର ମୁଖ୍ୟଉପଦେଷ୍ଟା ତଥା ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ସତ୍ୟନାରାୟଣ ସାମଲ,ସହଯୋଗୀ ଉପଦେଷ୍ଟା ତଥା ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ନିର୍ମଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କଲେଜର ଉଚ୍ଚ ପରମ୍ପରା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଡ. ପାତ୍ର ବିଭିନ୍ନ ବିଭାଗରେ ପାରଦର୍ଶିତା ଲାଭ କରିଥିବା ପୁରାତନ ଛାତ୍ର ସୁଦର୍ଶନ ଗିରିଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ପୁରାତନ ଛାତ୍ର ତଥା ଫଟୋ ସାମ୍ବାଦିକ ଅମିତ କୁମାର ମହାନ୍ତଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଛାତ୍ରୀନିବାସର ଅନ୍ତେବାସୀମାନଙ୍କ ତରଫରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇଥିଲେ।

## ଭାଲୁ ଆକ୍ରମଣରେ ୫ ଆହତ

ଠାକୁରମୁଣ୍ଡା,୨୨।୮(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ସାତକୋଶିଆ ରେଞ୍ଜ ଅନ୍ତର୍ଗତ ମହୁଲଡ଼ିହା ପଞ୍ଚାୟତର କୋଇଲିପାଳ ଗ୍ରାମ ନିକଟ ଜଙ୍ଗଲରେ ଗୁରୁବାର ସକାଳେ ଏକ ଭାଲୁ ଆକ୍ରମଣରେ ୫ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଗୁରା ପୂର୍ତ୍ତି, ମଙ୍ଗୁଲୁ ଶୁଣ୍ଡି, ଜଗବନ୍ଧୁ ପୂର୍ତ୍ତି, ସାନଗି ପୂର୍ତ୍ତି ଓ ପାତର ପୂର୍ତ୍ତି। ଗୁରା ଓ ମଙ୍ଗୁଲୁଙ୍କ ଅବସ୍ଥା ଗୁରୁତର ରହିଛି। ଚିକିତ୍ସାପାଇଁ ସମସ୍ତଙ୍କୁ ଠାକୁରମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସକାଳେ ମଙ୍ଗୁଲୁ ଜଙ୍ଗଲକୁ ଯାଇଥିବା ବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସେ ଚିତ୍କାର କରିବାରୁ ନିକଟରେ ଥିବା ସେହି ଗ୍ରାମର କେତେକ ଲୋକ ତାଙ୍କୁ ଭାଲୁ କବଳରୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ମାତ୍ର ହିଂସ୍ର ଭାଲୁଟି ଆକ୍ରମଣ କରି ୫ ଜଣଙ୍କୁ ଘାଇଲା କରି ପକାଇଥିଲା। ସେମାନଙ୍କର ହାତ, ଗୋଡ, ଛାତିକୁ ଭାଲୁ କାମୁଡି କ୍ଷତାକ୍ତ କରିଛି।

## ଗାଈକୁ ବାଘ ଖାଇ ଯାଇଥିବା ଅଭିଯୋଗ

କପ୍ତିପଦା,୨୨।୮(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ କଟୁରିଆ ହୁଡିସାହି ଗ୍ରାମର ଦୁଲି ମୁର୍ମୁ ନାମକ ଜଣେ ମହିଳାଙ୍କ ଏକ ଗାଈକୁ ନଟୋ ସଂରକ୍ଷିତ ଜଙ୍ଗଲରେ ବାଘ ଖାଇ ଯାଇଥିବା ଅଭିଯୋଗ ହୋଇଛି। ସ୍ୱେଚ୍ଛାସେବୀ ଜୟ ମୁର୍ମୁଙ୍କ ସହାୟତାରେ ସମ୍ପୃକ୍ତ ମହିଳା ଜଣକ କପ୍ତିପଦା ରେଞ୍ଜର ମହେଶ୍ୱର ସିଂଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଗତ ୨୦ ତାରିଖରେ ଗାଈଟିକୁ ଚରିବା ପାଇଁ ଜଙ୍ଗଲ ନିକଟରେ ଛାଡିଦିଆଯାଇଥିଲା। ମାତ୍ର ସେ ଘରକୁ ଫେରି ନ ଥିଲା। ଗ୍ରାମବାସୀଙ୍କ ସହଯୋଗରେ ମହିଳା ଜଣକ ଖୋଜାଖୋଜି କରୁଥିବା ବେଳେ ନଟୋ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଗାଈର ଖଣ୍ଡିଆ ଖାବରା ଦେହାବଶେଷ ପାଇଥିଲେ। ଜଙ୍ଗଲରେ ବାଘ ଥିବାରୁ ଗାଈଟିକୁ ସେ ଖାଇ ଯାଇଥିବା ଗ୍ରାମବାସୀ ସନ୍ଦେହ କରି ରେଞ୍ଜରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିନେଇ ରେଞ୍ଜର ସିଂଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ବନ ବିଭାଗ କର୍ମଚାରୀ ଯାଇଛନ୍ତି ଓ ତଦନ୍ତ ପରେ ଯାହା କିଛି ଜଣାପଡିବ ବୋଲି କହିଛନ୍ତି।

# ବ୍ଲକ୍‌ସ୍ତରୀୟ ଶାରଦୀୟ କ୍ରୀଡ଼ା



ଉଦଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

କପ୍ତିପଦା,୨୨।୮(ଡି.ଏନ୍.ଏ.)

କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଶିକ୍ଷାଧିକାରୀ ଶଶଧର ସିଂଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କପ୍ତିପଦା ଥାନାଧିକାରିଣୀ ରୀନା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଶରତ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମୀୟ ରଞ୍ଜନ ଦାସ, ଅତିରିକ୍ତ ଶିକ୍ଷାଧିକାରୀ ଘନଶ୍ୟାମ ସିଂ ପ୍ରମୁଖ ଯୋଗଦେଇ କ୍ରୀଡା ମନୁଷ୍ୟର ସହଜାତ ପ୍ରବୃତ୍ତି, ଏହା ଶରୀର ଓ ମନକୁ ସୁସ୍ଥ ରଖୁଥିବା ବେଳେ ନେତୃତ୍ୱ ନେବାର କୌଶଳ ଶିକ୍ଷା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଭରତ ଚନ୍ଦ୍ର ବରାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସିନିୟର ଓ ଜୁନିୟର ବାଳିକା ବାଳକ ବିଭାଗରେ ଫୁଟବଲ, ଖୋଖୋ, କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବ୍ଲକସ୍ତରରୁ ୩୦ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ କ୍ରୀଡ଼ା ପାଇଁ ମନୋନୀତ କରାଯାଇଛି। ଆସନ୍ତା ୨୯ ତାରିଖରେ ବାଙ୍ଗରିପୋଷି ବ୍ଲକ୍ ଅଧୀନ ଦ୍ୱାରାଶୁଣି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡ଼ାରେ ସେମାନେ ଭାଗ ନେବେ ବୋଲି ଜଣାଯାଇଛି। ନୋଡାଲ କ୍ରୀଡ଼ା ଶିକ୍ଷକ ଜୟଚନ୍ଦ୍ର ଜେନା, ଜ୍ଞାନ ରଞ୍ଜନ ବିଶ୍ୱାଳ, ରବିନ୍ଦ୍ର ସାହୁ ଓ ସୁକାନ୍ତି ଆରୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ, ସିଆରସିସି ଓ କପ୍ତିପଦା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## କୋଷ୍ଟା ପଞ୍ଚାୟତରେ ଜନଶୁଣାଣି ଶିବିର

କୋଷ୍ଟା,୨୨।୮(ଡି.ଏନ୍.ଏ.)-

ଶୂଳିଆପଦା ବ୍ଲକ ଅନ୍ତର୍ଗତ କୋଷ୍ଟା ପଞ୍ଚାୟତରେ ଗୁରୁବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପରିକ୍ଷିତ ଜେନା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ସରପଞ୍ଚ ଚନ୍ଦ୍ରମୋହନ ନାଏକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରଣଜିତ ବେହେରା, ଜିଆରଏସ ସମ୍ପା ରକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଧବା, ବାର୍ଦ୍ଧକ୍ୟ ଭତ୍ତା, ରାଶନ କାର୍ଡ ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗର ଶୁଣାଣି କରି ବିହିତ ପଦକ୍ଷେପ ନେବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ।

## ନାସା ଫାଉଣ୍ଡେଶନ ପକ୍ଷରୁ ଆଲୋଚନାଚକ୍ର

ବାରିପଦା ଅଫିସ,୨୨।୮-

ବାରିପଦା ମିଶନ ସାଇନ୍ସ ଏକାଡେମୀ ପରିସରରେ ନାସା ଫାଉଣ୍ଡେଶନ ତରଫରୁ ଭାରତୀୟ ଅନ୍ତରୀକ୍ଷ ଗବେଷଣା, ଆଶା ଓ ଆହ୍ୱାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ସ୍ୱରୂପ କୁମାର ବେହେରା ଯୋଗଦେଇ ମହାକାଶଯାନ ଉତ୍କ୍ଷେପଣ କୌଶଳ ଓ କୃତ୍ରିମ ଉପଗ୍ରହ କକ୍ଷ ସ୍ଥାପନ ଉପରେ ସାରଗର୍ଭକ ଆଲୋଚନା କରିବା ସହିତ ଛାତ୍ରୀଛାତ୍ରଙ୍କୁ ବୈଜ୍ଞାନିକ ହେବାକୁ ଆହ୍ୱାନ ଦେଇଥିଲେ। ଆଲୋଚନାଚକ୍ରରେ ନାସା ଫାଉଣ୍ଡେଶନର ସଭାପତି ଡ.ସରୋଜ କୁମାର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଏମକେସି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟେଲି ଯୋଗାଯୋଗ ପାଇଁ ସାଟେଲାଇଟର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଶୋକ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଅଂଶିତା ରାଉଳ, ଏସ.ପି. ଜ୍ୟୋତି ପ୍ରମୁଖ ଯୋଗ ଦେଇଥିବା ବେଳେ ସୁନିତା ରାଣୀ ସଭା ପରିଚାଳନା କରିଥିଲେ। ସଭାରେ ଅଧ୍ୟାପକ ସ୍ୱରୂପ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

# ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ

ମୟୂରଭଞ୍ଜ ରାଜପ୍ରାସାଦରେ ଶୁଭାରମ୍ଭ କଲେ ରାଜମାତା



ବାରିପଦା ଅଫିସ,୨୨।୮-

ମୟୂରଭଞ୍ଜ ଜିଲାର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ ତଥା କ୍ରୀଡ଼ା ଆଦିର ସଂରକ୍ଷଣ ଏବଂ ବିକାଶ ସକାଶେ ମୟୂରଭଞ୍ଜ ଫାଉଣ୍ଡେଶନ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଜିଲା ପ୍ରଶାସନ, ମାରୱାଡି ଯୁବା ମଞ୍ଚ ଓ ଫାଉଣ୍ଡେଶନ ଫର୍ କଣ୍ଟେମ୍ପରାରି ଆର୍ଟ ସହଯୋଗରେ ଗୁରୁବାର ବାରିପଦା ବେଲଗଡିଆ ସ୍ଥିତ ରାଜପ୍ରାସାଦ ପରିସରରେ ଏକ ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ ହୋଇଛି। ମୟୂରଭଞ୍ଜ ରାଜମାତା ଭାରତୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ମୟୂରଭଞ୍ଜ ଫାଉଣ୍ଡେଶନର ଅଧ୍ୟକ୍ଷା ତଥା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଶକ୍ତି ଦେବୀ, ପ୍ରମିଳା ଦେବୀ, ପୂର୍ଣ୍ଣିମା ଦେବୀ, ଚିତ୍ରକଳା ପ୍ରଦର୍ଶନୀ କାର୍ଯ୍ୟକ୍ରମର ଆବାହକ ହେମନ୍ତ ଶାହା, କାର୍ଯ୍ୟକ୍ରମ ସଂଯୋଜକ ବିଭୁଦତ୍ତ ଦାସ ଓ କଲ୍ୟାଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆର୍ଯ୍ୟକବି ପଣ୍ଡିତ ଡ.ପ୍ରମୋଦ କୁମାର ମିଶ୍ରଙ୍କ ଲିଖିତ ମୟୂରଭଞ୍ଜ ଜିଲାର ଇତିହାସ ଉପରେ ରଚିତ ପୁସ୍ତକକୁ ରାଜମାତା ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ତଥା ଜିଲା ବାହାର ଏବଂ ରାଜ୍ୟ ବାହାରର ବହୁ ବରିଷ୍ଠ ଚିତ୍ରଶିଳ୍ପୀଙ୍କ କଳାକୃତି ପ୍ରଦର୍ଶିତ ହୋଇଛି। ଜିଲାର ଟସର,ହସ୍ତତନ୍ତ ସାମଗ୍ରୀ ଏବଂ ହସ୍ତଶିଳ୍ପରୁ ପ୍ରସ୍ତୁତ ବିଭିନ୍ନ କଳାକୃତି ଷ୍ଟଲଗୁଡିକରେ ପ୍ରଦର୍ଶିତ ହେଉଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରତିଦିନ ସକାଳ ୧୦ରୁ ଦିନ ୧ ଟା ୩୦ ଓ ଅପରାହ୍ନ ୩ ଟା ରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଚିତ୍ରକଳା ପ୍ରଦର୍ଶିତ ହେବ। ରାଜ୍ୟପାଳଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୩/୨୦୧୯ Balasore, Friday, August 23/2019




# ନକଲି ଲଟେରି ଟିକେଟ ବିକି ୩ ଗିରଫ



ଗିରଫ ୩ ଅଭିଯୁକ୍ତ।

**ବାଲେଶ୍ୱର ଅଫିସ,୨୨।୮:** ବାଲେଶ୍ୱର ଟାଉନ ଥାନା ଗଳାପୋଖରୀ ନିକଟରେ ନେପାଳ ଓ କଲିକତାର ନକଲି ଲଟେରି ଟିକେଟ ବିକ୍ରି ହେଉଥିବା ପୋଲିସ ଖବରପାଇ ସେଠାରେ ପହଞ୍ଚିଥିଲା। ପୋଲିସ ୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫୦ଟି ନକଲି ଲଟେରି ଟିକେଟ ଜବତ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ସହଦେବଖୁଣ୍ଟା ଥାନା ଗୋଶାଳପଦା ଅଞ୍ଚଳର ଆକାଶ ନାୟକ (୫୪), ଟାଉନ ଥାନା ସ୍କୁଲବଜାର ଅଞ୍ଚଳର ସେକ ସହିଦଉଲ (୩୮) ଓ କଂସେଇମହଲା ଅଞ୍ଚଳର ସେକ ବାବୁ (୨୮)। ଟାଉନ୍ ଥାନାରେ ମାମଲା (ନଂ. ୧୮୮/୧୯) ରୁଜୁ କରାଯାଇ ୩ଜଣ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। କିଛିଦିନ ପୂର୍ବରୁ ଉକ୍ତ ଅଭିଯୁକ୍ତମାନେ ନେପାଳ ଓ କଲିକତାରୁ ଲଟେରି ଟିକେଟ ଆଣି ବାଲେଶ୍ୱରର ବିଭିନ୍ନ ଜାଗାରେ ବିକ୍ରି କରୁଥିବା ପୋଲିସ ସୂଚନା ପାଇଥିଲା। ଏହି ଲଟେରି ଟିକଟର ସତ୍ୟତାକୁ ନେଇ ପୋଲିସ ତଦନ୍ତ କରୁଥିବା ବେଳେ ଅନ୍ୟ ରାଜ୍ୟର ଲଟେରି ଟିକେଟ ସହରରେ ବିକ୍ରି କରିବା ସମ୍ପୂର୍ଣ୍ଣ ବେଆଇନ ବୋଲି ଟାଉନ ଥାନାଧିକାରିଣୀ ସରୋଜିନୀ ନାୟକ ପ୍ରକାଶ କରିଛନ୍ତି।







## ଡିଜେଲ ସରିଯିବାରୁ କାମ କଲାନି ଏସି

# ୨ ଘଣ୍ଟା ଅଟକିଲା ଟ୍ରେନ



ଷ୍ଟେଶନରେ ଅଟକିଥିବା ଯଶୋବନ୍ତପୁର-କାମାକ୍ଷା ଏକ୍ସପ୍ରେସ୍ ଟ୍ରେନ୍।

**ବାଲେଶ୍ୱର ଅଫିସ, ୨୨।୮**

ବାଲେଶ୍ୱର ରେଳଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରେ ଯଶୋବନ୍ତପୁର-କାମାକ୍ଷା ଏକ୍ସପ୍ରେସ୍ ଟ୍ରେନ୍ (ନଂ. ୧୨୫୫୨) ରୁ ଡିଜେଲ ସରିଯିବାରୁ ସମସ୍ତ ଏସି କାମ କରି ନ ଥିଲା। ଫଳରେ ଟ୍ରେନ ଷ୍ଟେଶନରେ ୨ଘଣ୍ଟା ଅଟକି ରହିଥିଲା। ଏସି ସଜଡ଼ାଯିବା ସହ ଡିଜେଲ ଭର୍ତ୍ତି କରାଯାଇଥିଲା। ଏସି ବନ୍ଦ ହେବା କାରଣରୁ ଟ୍ରେନ୍‌ରେ ଥିବା ବହୁ ଯାତ୍ରୀ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହୋଇଥିଲେ।

ଟ୍ରେନ୍ ଯଶୋବନ୍ତପୁରରୁ ବାହାରି କାମାକ୍ଷା ଯାଉଥିବା ବେଳେ ଅପରାହ୍ନ ୨ଟା ୨୨ ମିନିଟ୍ ସମୟରେ ବାଲେଶ୍ୱର ରେଳଷ୍ଟେଶନରେ ପହଞ୍ଚିଥିଲା। ଅପରାହ୍ନ ୪ଟା ୪୦ ମିନିଟରେ ଏସି ସଜଡାଯିବା ସହ ଡିଜେଲ ଭର୍ତ୍ତି ହେବା ପରେ ଟ୍ରେନ ଗନ୍ତବ୍ୟ ପଥକୁ ଯାଇଥିବା ବାଲେଶ୍ୱର ଷ୍ଟେଶନ ମ୍ୟାନେଜର ଭାଗବତ ସାହୁ କହିଛନ୍ତି।

# ବିଦ୍ୟୁତ୍ ନେଲା ଜୀବନ

**ବନ୍ତ, ୨୨।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଗଭିଗଡିଆ ଗ୍ରାମର ଯଦୁନାଥ ନନ୍ଦ(୪୦)ଙ୍କର ଗୁରୁବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ସକାଳ ପ୍ରାୟ ସାଢ଼େ ୮ଟା ବେଳେ ସେ ଘର ପାଖରେ କୌଣସି କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭଦ୍ରକ ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୯୪/୧୯) ରୁଜୁ ହୋଇଛି। ଖବର ପାଇ ଭଣ୍ଡାରିପୋଖରୀ କଂଗ୍ରେସ ନେତା ସୁବ୍ରତ ଦାସ, ଜୋନ୍ ସଭାପତି ନିରଞ୍ଜନ ମଲ୍ଲିକ, ପୂର୍ବତନ ଜିଲାପରିଷଦ ସଭ୍ୟ ଅନନ୍ତ ଗୋପାଳ ଦାସ, ଭବେନ୍ଦ୍ର ସାହୁ, ସନ୍ତୋଷ ବାରିକ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ